

ଯିଏ ମୃତ୍ୟୁ ପର୍ଯ୍ୟନ୍ତ ମଧ କିଛି ଦାନ ନ କରେ
ତାହାଠାରୁ ବଳି ହତଭାଗ୍ୟ ଆଉ କେହି ନାହାନ୍ତି।
- ସେକ୍ସପିଅର




## ସଂକ୍ଷେପରେ

### ଶ୍ରୀମନ୍ଦିର ଭିତରକୁ ମୋବାଇଲ ନେବା ମହଙ୍ଗା ପଡ଼ିଲା
### ଜରିମାନା ଗଣିଲେ ୩ ଭକ୍ତ

**ପୁରୀ ଅଫିସ, ୨୪।୪:** ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ୍ ନେବା ଉପରେ କଟକଣା ରହିଛି। କିନ୍ତୁ ଅନେକ ସମୟରେ ଭକ୍ତମାନେ ଏହାକୁ ମାନୁନାହାନ୍ତି। ବୁଧବାର ୩ଜଣ ଭକ୍ତ ମୋବାଇଲ ଫୋନ୍ ନେଇ ମନ୍ଦିର ଭିତରକୁ ଯାଇଥିବାବେଳେ ସୁରକ୍ଷା କର୍ମୀଙ୍କ ହାତରେ ଧରାପଡ଼ିଛନ୍ତି। ଫଳରେ ପ୍ରତ୍ୟେକ ୧ହଜାର ଟଙ୍କା ଲେଖାଏ ଜରିମାନା ଗଣିଛନ୍ତି। ସୂଚନା ମୁତାବକ, ଆନ୍ଧ୍ରପ୍ରଦେଶର କେତେଜଣ ଭକ୍ତ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ସେମାନେ ଭିତରେ ଦର୍ଶନ କରିସାରି ବେଢାରେ ବୁଲୁଥିଲେ। ଏହି ସମୟରେ ସେମାନଙ୍କ ମଧ୍ୟରୁ ୩ଜଣ ଭକ୍ତ ମୋବାଇଲ ଫୋନ୍ ବାହାର କରି ବିଭିନ୍ନ ମନ୍ଦିରର ଫଟୋ ଉଠାଉଥିଲେ। ଜଣେ ସୁରକ୍ଷା କର୍ମୀଙ୍କ ନଜରରେ ଏହା ପଡ଼ିଥିଲା। ସେ ସଙ୍ଗେସଙ୍ଗେ ସୂଚନା ଦେବାରୁ ସୁରକ୍ଷା କର୍ମୀମାନେ ପହଞ୍ଚି ସମ୍ପୃକ୍ତ ୩ଜଣଙ୍କଠାରୁ ମୋବାଇଲ ଫୋନ୍ ଜବତ କରିଥିଲେ। ସେମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟକୁ ନିଆଯାଇଥିଲା। ସମସ୍ତେ ଉଠାଇଥିବା ଫଟୋଗୁଡ଼ିକୁ ଡିଲିଟ୍ କରାଯାଇଥିଲା। ପ୍ରତ୍ୟେକଙ୍କଠାରୁ ୧ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ କରାଯିବା ପରେ ସେମାନଙ୍କ ମୋବାଇଲ ଫେରାଇ ଦିଆଯାଇଥିଲା।

### ସାମାଜିକ କର୍ମୀଙ୍କୁ ପିଟି ଖସିଗଲେ ଲୁଟେରା
### ଚୋରି ବାଇକ, ଲୁଟ୍ ଭ୍ୟାନିଟି ପୋଲିସ ଜିମା

**ଭୁବନେଶ୍ୱର, ୨୪।୪(ବ୍ୟୁରୋ):** ରାଜଧାନୀରେ ନିର୍ବାଚନକୁ ନେଇ ପୋଲିସ ମଙ୍ଗଳବାର ବ୍ୟସ୍ତଥିବାବେଳେ ଏପଟେ ରାସ୍ତା ଓ ବଜାରରେ ମାତିଥିଲେ ଲୁଟେରା। ତେବେ ଲୁଟେରା ଜଣକ ଏକ ଦମ୍ପତିଙ୍କଠାରୁ ଲୁଟ୍ କରି ପଳାଉଥିବାବେଳେ ୪ଜଣ ସାମାଜିକ କର୍ମୀ ଗୋଡ଼ାଇ କାବୁ କରିବା ଓ ଲୁଟେରା ଜଣକ ହେଲ୍‌ମେଟ୍‌ରେ ଆକ୍ରମଣ କରି ଖସିଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଖାରବେଳନଗର ଥାନା ଅଞ୍ଚଳରେ ଘଟିଥିଲା ଏହି ଘଟଣା। ରାଜସ୍ଥାନର ସୁଧାକର ରତ୍ନା ଖଣ୍ଡଗିରି ଅଞ୍ଚଳରେ ପରିବାର ସହ ରହିବା ରୁହନ୍ତି। ସେ ଏକ ଘରୋଇ କଲେଜର କର୍ମଚାରୀ। ମଙ୍ଗଳବାର ସନ୍ଧ୍ୟାରେ ସୁଧାକର ତାଙ୍କ ସ୍ତ୍ରୀ ଭାରତୀଙ୍କ ସହ ମାଷ୍ଟର କ୍ୟାଣ୍ଟିନସ୍ଥିତ ଏକ ଜୁଏଲାରୀ ଦୋକନକୁ ଆସିଥିଲେ। ସେଠାରୁ ବାହାରିବାପରେ ଲୁଟେରା ଜଣକ ଭାରତୀଙ୍କ ହାତରୁ ଭ୍ୟାନିଟି ବ୍ୟାଗ ଝାମ୍ପିନେଇ ଫେରାର ହୋଇଯାଉଥିଲେ। ଚିତ୍କାର ଶୁଣି ସେଠାରେ ଉପସ୍ଥିତ ଥିବା ଫନିକ୍ସ ସେବାର ସଦସ୍ୟମାନେ ଦୁଇଟି ବାଇକରେ ଉକ୍ତ ଲୁଟେରାଙ୍କ ପିଛା କରିଥିଲେ। କିଛି ସମୟ ପରେ ସେମାନେ ଅତି ସାହସିକତାର ସହ ଉକ୍ତ ଲୁଟେରାଙ୍କୁ ଗୋଡାଇ ରବି ଟକିଜ ଛକ ନିକଟରେ କାବୁ କରିଥିଲେ। କିଛି ସମୟ ଧରି ଲୁଟେରାଙ୍କ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ଶେଷରେ ଲୁଟେରା ଜଣକ ପିନ୍ଧିଥିବା ହେଲ୍‌ମେଟ୍‌ରେ ଆକ୍ରମଣ କରିବା ସହ ନିଜ ବାଇକ୍ ଓ ଲୁଟ୍ ଭ୍ୟାନିଟ ବ୍ୟାଗ୍ ଛାଡ଼ି ଦୌଡ଼ିଥିଲେ। ପରେ ସାମାଜିକ କର୍ମୀମାନେ ସେସବୁକୁ ଆଣି ପୋଲିସ ଜିମା ଦେଇଛନ୍ତି। ଉକ୍ତ ବ୍ୟାଗରେ ନଗଦ ୪ ହଜାର ଟଙ୍କା, ନୂଆ ଅଳଙ୍କାର ଓ ଜରୁରୀ କାଗଜ ପତ୍ର ରହିଥିଲା। ଏନେଇ ପୋଲିସ ୧୧୩/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତେବେ ଲୁଟେରା ଛାଡ଼ିଯାଇଥିବା ବାଇକଟି ମଧ ଚୋରି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

### ନୂଆ ରୂପ ନେଉଛି ରସୁଲଗଡ଼ ଛକ
# ଆବର୍ଜନା କଳାକୃତିରେ ଓଡ଼ିଶାର ଝଲକ





ରସୁଲଗଡ଼ ଛକ ଓଭରବ୍ରିଜ୍ ତଳେ ଆବର୍ଜନାରେ ତିଆରି ହେଉଥିବା କଳାକୃତି।

**ସସ୍ମିତା ପାଇକରାୟ**
**ଭୁବନେଶ୍ୱର,୨୪।୪(ବ୍ୟୁରୋ)**

ରାଜଧାନୀ ପ୍ରବେଶ ପଥରେ ରହିଥିବା ସହରର ସର୍ବାଧିକ ଜନଗହଳିପୂର୍ଣ୍ଣ ରସୁଲଗଡ଼ ଛକ ନୂଆ ରୂପ ପାଇବ। ବାଣୀବିହାର, ଆଚାର୍ଯ୍ୟ ବିହାର ପରେ ଏହି ଛକକୁ ଆକର୍ଷଣୀୟ ଭାବେ ସଜାଯାଉଛି। ସୌନ୍ଦର୍ଯ୍ୟକରଣ ପାଇଁ ଛକର ଗୋଲେଇ ମଧ୍ୟରେ ଏକ ଆକର୍ଷଣୀୟ ପାର୍କ ନିର୍ମାଣ କରାଯାଉଛି। କଂକ୍ରିଟ୍ ଆବର୍ଜନାକୁ ବ୍ୟବହାର କରି ଭାରତର ଜଣେ ଶ୍ରେଷ୍ଠ କାରିଗର ତଥା ସ୍ଥପତି ଏହାର ନିର୍ମାଣ କରୁଛନ୍ତି, ଯାହାକି ଭୁବନେଶ୍ୱର ବିଉଟିଫିକେଶନ ପ୍ରୋଜେକ୍ଟରେ ପ୍ରମୁଖ ଆକର୍ଷଣ ସାଜିବ।

ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ(ଏନ୍‌ଏଚ୍‌ଏଆଇ) ଦ୍ୱାରା ହେଉଥିବା ଏହି ସୌନ୍ଦର୍ଯ୍ୟକରଣ ସଷ୍ଟେନେବୁଲ୍ ଡେଭେଲପ୍‌ମେଣ୍ଟ ବା ଦୀର୍ଘସ୍ଥାୟୀ ବିକାଶର ବାର୍ତ୍ତା ପ୍ରଦାନ କରିବ। ରାଜପଥ ନିର୍ମାଣ ବେଳେ ବାହାରୁଥିବା ଆଇରନ୍ ଓ କଂକ୍ରିଟ୍ ଆବର୍ଜନାକୁ ବ୍ୟବହାର କରି ସହରର ଏହି ପ୍ରବେଶ ପଥକୁ ସଜାଯାଉଛି। ଦେଶର ଖ୍ୟାତନାମା ସ୍ଥପତି ତଥା ଚିତ୍ରଶିଳ୍ପୀ ମାନବ ଗୁପ୍ତା ଏହାର ଡିଜାଇନ୍ କରୁଥିବା ବେଳେ ପ୍ରକଳ୍ପର ନାଁ ରହିଛି 'ଏ ସିଟି ଇନ୍ ଏ ସିଟି'। ପ୍ରଥମଥର ପାଇଁ ହେଉଥିବା ଏହି '୭ ଟାୱାର ମ୍ୟୁରାଲ୍'କୁ ସ୍ଥପତି ଭୁବନେଶ୍ୱର ତଥା ଓଡ଼ିଶା ଉଦ୍ଦେଶ୍ୟରେ ସମର୍ପଣ କରିଛନ୍ତି, ଯେଉଁଥିରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ଝଲକ ଦେଖିବାକୁ ମିଳିବ। ୱେଷ୍ଟ କଂକ୍ରିଟ୍ ବ୍ଲକ୍‌ରୁ ତିଆରି ହେଉଥିବା ଏହି ପବ୍ଲିକ୍ ଆର୍ଟ ପ୍ରୋଜେକ୍ଟରେ ସ୍କ୍ରାପ୍ ଆଇରନ୍ ରଡ୍, ସ୍କ୍ରାପ୍ ଆଇରନ୍ ପାଇପ୍, ସ୍କ୍ରାପ୍ ଆଇରନ୍ ପ୍ଲେଟ୍ ଓ କଂକ୍ରିଟ ୱେଷ୍ଟ ବ୍ଲକ୍‌ସମାନ ବ୍ୟବହାର କରାଯାଇଛି। ପରିବେଶ ପ୍ରଦୂଷଣ କରୁଥିବା ଏହି ସାମଗ୍ରୀକୁ ପୁନଃ ବ୍ୟବହାର କରାଯିବା ସହ ଏଥିରେ ସମ୍ପୂର୍ଣ୍ଣ ଭୁବନେଶ୍ୱର ସହରର ଝଲକ ଦେଖିବାକୁ ମିଳିବ। ଲିଙ୍ଗରାଜ ମନ୍ଦିର, ଧଉଳି ଶାନ୍ତିସ୍ତୂପରୁ ଆରମ୍ଭ କରି ଶ୍ରୀଜଗନ୍ନାଥ ଏବଂ ଓଡ଼ିଶାର କଳା, ସଂସ୍କୃତି, ଓଡ଼ିଶୀ ନୃତ୍ୟ ଆଦିକୁ ଦର୍ଶାଯାଉଛି। ଫଳରେ ସହରକୁ ପ୍ରବେଶ କରୁଥିବା ଲୋକ ଏଠାରୁ ଓଡ଼ିଶାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଦେଖିପାରିବେ। ଏହାସହ ବର୍ତ୍ତମାନ ସମୟରେ ଟ୍ୟୁବ୍ ୱେଲ୍ ବା ନଳକୂପ ଆଉ ଦେଖିବାକୁ ମିଳୁ ନ ଥିବାବେଳେ ସଷ୍ଟେନେବୁଲ୍ ଡେଭେଲପ୍‌ମେଣ୍ଟ ମ୍ୟୁଜିୟମ୍‌ରେ ଆବର୍ଜନାକୁ ବ୍ୟବହାର କରି ପ୍ରସ୍ତୁତ ହୋଇଛି ୨୦ ଫୁଟ ଉଚ୍ଚତା ବିଶିଷ୍ଟ ଏକ ବଡ଼ ନଳକୂପର ପ୍ରତିକୃତି। ଏହି ପ୍ରକଳ୍ପ ମାଧ୍ୟମରେ ଭୁବନେଶ୍ୱର ଏବଂ ଓଡ଼ିଶାକୁ ସମ୍ମାନ ଜଣାଇ ମୁଁ ଏହାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ନିର୍ମାଣ କରିଛି। ଏହି ପବ୍ଲିକ୍ ଆର୍ଟ ପ୍ରୋଜେକ୍ଟ ବହୁ ସ୍ୱତନ୍ତ୍ର ଓ କନ୍‌ଷ୍ଟ୍ରକଶନ୍ ୱେଷ୍ଟ ବ୍ୟବହାର କରି ନିର୍ମାଣ ହେଉଥିବା ପ୍ରଥମ ସ୍ଥାପତ୍ୟ ବୋଲି ମାନବ ଗୁପ୍ତା କହିଛନ୍ତି। ଦେଢ଼ମାସ ଧରି ଚାଲିଥିବା ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହେବାକୁ ଆଉ ପ୍ରାୟ ଦୁଇସପ୍ତାହ ଲାଗିବ ବୋଲି ସେ କହିଥିବା ବେଳେ ଆଲୋକୀକରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ନିର୍ମାଣ କରୁଥିବା ସଂସ୍ଥାର ଶୁଭକାନ୍ତ ରାଉତ ସୂଚନା ଦେଇଛନ୍ତି।



# ର୍‍ୟାମ୍ପ୍‌ରେ ଚାଲିଲେ ଛାତ୍ରୀ

**ଭୁବନେଶ୍ୱର,୨୪।୪(ବ୍ୟୁରୋ)**

ଫ୍ୟାଶନ ଡିଜାଇନିଂ ଓ ଇଣ୍ଟେରିୟର ଡିଜାଇନିଂ କ୍ଷେତ୍ରରେ ଓଡ଼ିଶାର ପ୍ରମୁଖ ଅନୁଷ୍ଠାନ 'ଆଇଏନ୍‌ଆଇଏଫ୍‌ଡି'ର ପ୍ରଥମ ବାର୍ଷିକ ଉତ୍ସବ 'ନଭ୍ୟାତା-୨୦୧୯' ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସିନିୟର ଆର୍କିଟେକ୍ଟ ତଥା ପ୍ରଫେସର ଏସ୍.ଏସ୍. ରାୟ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କର କ୍ଲଷ୍ଟର ହେଡ୍ ଅନିମେଶ ବିଶ୍ୱାଳ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନର ଫ୍ୟାଶନ ଡିଜାଇନିଂ ଛାତ୍ରୀମାନେ ନିଜ ଦ୍ୱାରା ତିଆରି ପୋଷାକ ପ୍ରଦର୍ଶନ କରିଥିଲେ। ସେହିପରି ଇଣ୍ଟେରିୟର ଡିଜାଇନିଂ ଛାତ୍ରୀଛାତ୍ର ନିଜ ପ୍ରଡକ୍ଟଗୁଡ଼ିକ ପ୍ରଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ର୍‍ୟାମ୍ପ୍ ଶୋ'ର ଆୟୋଜନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ଡିଜାଇନ୍ ହୋଇଥିବା ଡ୍ରେସ୍‌ଗୁଡ଼ିକୁ ପିନ୍ଧି ୯ରୁ ୧୨ବର୍ଷର କୁନି ମଡେଲ୍‌ମାନେ ର୍‍ୟାମ୍ପ୍ ୱାକ୍ କରିଥିଲେ, ଯାହାକି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା।



**ଆଇଏନ୍‌ଆଇଏଫ୍‌ଡି ବାର୍ଷିକ ଉତ୍ସବ**

ବାର୍ଷିକ ଉତ୍ସବରେ ଏଫ୍‌ବିବି ଫେମିନା ମିସ୍ ଇଣ୍ଡିଆ ଓଡ଼ିଶା-୨୦୧୮ର ବିଜେତା ଶ୍ରୁତିକ୍ଷା ନାୟକ ଯୋଗଦେଇଥିଲେ। ଶୋ'ରେ ବିଭିନ୍ନ କାଜୁଆଲ୍ ୱେୟାର, ରେଡ୍ କାର୍‌ପେଟ୍ ଗାଉନ୍, ଇଣ୍ଡିଆନ୍ ୱେୟାର୍ ଆଦିର ପ୍ରଦର୍ଶନୀ କରାଯାଇଥିଲା। ଉପସ୍ଥିତ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନ ନିର୍ଦ୍ଦେଶକ ଆଶୁତୋଷ ପଣ୍ଡା ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ଅନ୍ୟ ଛାତ୍ରୀଛାତ୍ର ଓ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ସତ୍ୟରଞ୍ଜନ



ମନୋଜ



ଯୋଗେନ୍ଦ୍ର



ପ୍ରଜ୍ଞା



ଯିଶୁଖ୍ରୀଷ୍ଟ



ସଂଘମିତ୍ରା

# ପୁରୀ ରେଳଷ୍ଟେଶନରେ ଅଗ୍ନିକାଣ୍ଡ

**ପୁରୀ ଅଫିସ,୨୪।୪**

ପୁରୀ ରେଳଷ୍ଟେଶନରେ ବୁଧବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଶଟ୍ ସର୍କିଟ ଯୋଗୁ ୪ନମ୍ବର ପ୍ଲାଟଫର୍ମର ଆଜବେଷ୍ଟସ୍‌ରେ ନିଆଁ ଲାଗି ଚାରିଆଡ଼େ ବ୍ୟାପିଯାଇଥିଲା। ଫଳରେ ପ୍ଲାଟଫର୍ମ ଧୂଆଁମୟ ହୋଇଯାଇଥିଲା। ଏହି ସମୟରେ ଉପସ୍ଥିତ ଥିବା ଯାତ୍ରୀମାନେ ଭୟରେ ଏଣେତେଣେ ଦୌଡ଼ିଥିଲେ। ପୁରୀ ଅଗ୍ନିଶମ ବିଭାଗର କର୍ମଚାରୀ ଏବଂ ରେଳୱେ କର୍ମଚାରୀ ପହଞ୍ଚି ଫାୟାର ଗ୍ୟାସ ମାଧ୍ୟମରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ କୌଣସି ଯାତ୍ରୀ ଆହତ ହୋଇ ନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ୪ନମ୍ବର ପ୍ଲାଟଫର୍ମରେ ଆଜବେଷ୍ଟସ ଛାତ ମରାମତି ଚାଲିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବରେ ଆଜବେଷ୍ଟସରେ ଲାଗିଥିବା ବିଦ୍ୟୁତ ତାର ତରଳି ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ନିଆଁ ଲିଭା ଚାଲିଥିବା ବେଳେ ଉକ୍ତ ପ୍ଲାଟଫର୍ମରେ ସମ୍ବଲପୁର ଇଣ୍ଟରସିଟି ଟ୍ରେନ୍ ପହଞ୍ଚିଥିଲା। ତେବେ ନିଆଁ ଲିଭିଯାଇଥିବାରୁ କିଛି କ୍ଷୟକ୍ଷତି ଘଟିନାହିଁ। ସୂଚନାଯୋଗ୍ୟ, ହୋଲି ଦିନ ପୁରୀ ରେଳଷ୍ଟେଶନରେ ତପସ୍ୱିନୀ ଏକ୍ସପ୍ରେସ ଟ୍ରେନ୍‌ରେ ଜନୈକ ଦୁର୍ବୃତ୍ତ ନିଆଁ ଲଗାଇଦେଇଥିଲେ। ଫଳରେ ୩ଟି ବଗି ସମ୍ପୂର୍ଣ୍ଣ ଭାବେ ଜଳିଯିବା ସହ ଦୀର୍ଘ ସମୟ ଧରି ଷ୍ଟେଶନ ପରିସରରେ ଧୂଆଁମୟ ହୋଇଯାଇଥିଲା।




ଧୂଆଁମୟ ହୋଇଯାଇଥିବା ପ୍ଲାଟଫର୍ମ।



ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ।
- ଫ୍ରାଙ୍କ୍‌ଲିନ



## ସଂକ୍ଷେପରେ

### ବ୍ରିଜ୍ ଉପରୁ ଡେଇଁ ଯୁବକଙ୍କ ମୃତ୍ୟୁ

**ନରାଜ/କଟକ ଅଫିସ,୨୪।୪:** କଟକର ସୁଭାଷ ବୋଷ ବ୍ରିଜ୍ ଉପରୁ ଡେଇଁ ପଡିବାରୁ ଜଣେ ଅଚିହ୍ନା ଯୁବକଙ୍କ ମୃତ୍ୟୁ ହୋଇଛି। ବୁଧବାର ରାତି ୮ଟାରେ ଯୁବକ ଜଣଙ୍କ ହଠାତ୍ ବ୍ରିଜ ଉପରୁ ତଳକୁ ଡେଇଁପଡିଥିଲେ। ଏହି ସମୟରେ ସେଠାରେ ଯାତାୟାତ କରୁଥିବା ଲୋକମାନେ ଦେଖି ବାରଙ୍ଗ ଥାନାକୁ ଖବର ଦେଇଥିଲେ। ପରେ ପୋଲିସ ଓ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀମାନେ ଉକ୍ତ ଯୁବକଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ କଟକ ବଡ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସମ୍ପୃକ୍ତ ଯୁବକଙ୍କ ବୟସ ୨୫ରୁ ୩୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି।

### ମହିଳାଙ୍କୁ ମାଡ଼ ମାରି ଯୁବକ ଗିରଫ

**କଟକ ଅଫିସ, ୨୪।୪:** ମହିଳାଙ୍କୁ ମାଡ଼ ମାରିବା ଅଭିଯୋଗରେ ପୁରୀଘାଟ ପୋଲିସ ସ୍ଥାନୀୟ ବାଉରିସାହି ଅଞ୍ଚଳର ପାଣ୍ଡିଆ ଦାସଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର କୌଣସି କାରଣକୁ ନେଇ ବାଉରିସାହି ଅଞ୍ଚଳର ରଞ୍ଜୁ ଦେଇ ଓ ପାଣ୍ଡିଆଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ପାଣ୍ଡିଆ ତାଙ୍କୁ ମାଡ଼ ମାରିଥିଲେ। ଏ ନେଇ ରଞ୍ଜୁ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୮୪/୧୯) ରୁଜୁ କରିଥିଲା।

### ଅଧ୍ୟାପକ ରମାକାନ୍ତ ସାହୁଙ୍କ ସ୍ମୃତିସଭା

**ନରାଜ/କଟକ ଅଫିସ,୨୪।୪:** ବାରଙ୍ଗ ବ୍ଲକ ଦାଢ଼ାପାଟଣା ଗ୍ରାମରେ କୁଞ୍ଜବିହାରି ମହାବିଦ୍ୟାଳୟର ଅଧ୍ୟାପକ ରମାକାନ୍ତ ସାହୁଙ୍କ ଏକା ଦଶାହ ଉପଲକ୍ଷେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବସନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ବିମଳ ଦାଶ, ସୁରେନ୍ଦ୍ର ସାହୁ ଓ ମନୀନ୍ଦ୍ର କୁଅଁର ଯୋଗଦେଇ ରମାକାନ୍ତ ଜଣେ ଛାତ୍ରବତ୍ସଳ ଅଧ୍ୟାପକ ଥିଲେ କହିଥିଲେ। ଏହି ସଭାରେ ବାରଙ୍ଗ ଅଞ୍ଚଳର ପୂର୍ବତନ ସରପଞ୍ଚ ଅନ୍ତର୍ଯାମୀ କୁଅଁର, ସନ୍ତୋଷ ପାଣି, ବାରଙ୍ଗ ଶାନ୍ତି କମିଟିର ସଭାପତି ପ୍ରତାପ ପାଣି, ଡ. କିଶୋର ଚନ୍ଦ୍ର ପାଣି, ନିରଞ୍ଜନ ସାହୁ ଓ ଦେବେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ରମାକାନ୍ତଙ୍କ ଜୀବନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ତବରେଜ ଖାଁ ବିସିଜେଡିର ସାଧାରଣ ସମ୍ପାଦକ

**କଟକ ଅଫିସ, ୨୪।୪:** କଟକ ଜିଲା ସାଲେପୁର ଅଞ୍ଚଳର ଛାତ୍ରନେତା ତବରେଜ ଖାଁଙ୍କୁ ବିଜୁ ଛାତ୍ର ଜନତା ଦଳ (ବିସିଜେଡି)ର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ତାଙ୍କୁ ଏହି ପଦବୀ ଦିଆଯାଇଥିବା ଜଣାପଡ଼ିଛି। ଏ ନେଇ ତବରେଜ ମୁଖ୍ୟମନ୍ତ୍ରୀ, ରାଜ୍ୟ ସଂଖ୍ୟାଲଘୁ ସେଲ୍‌ର ସଭାପତି ମୁନା ଖାଁଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ୪୫ଗ୍ରାମ ବ୍ରାଉନସୁଗାର ଜବତ, ଅଭିଯୁକ୍ତ ଗିରଫ

**କଟକ ରୋଡ,୨୪।୪(ଡି.ଏନ୍.ଏ.):** କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ସଂସ୍ଥା ବୁଧବାର ରାଜଧାନୀର ଲକ୍ଷ୍ମୀସାଗର ଥାନା ପଛପଟେ ଥିବା ହଳଦୀପଡ଼ିଆ ବସ୍ତିରେ ଚଢ଼ାଉ କରି ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ବସ୍ତିରେ ରହୁଥିବା ସଞ୍ଜୟ ମହାନ୍ତି। ତାଙ୍କଠାରୁ ୪୫ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଜବତ ନିଶାଦ୍ରବ୍ୟର ଆନୁମାନିକ ମୂଲ୍ୟ ସାଢେ ୪ଲକ୍ଷ ଟଙ୍କା ହେବ ବୋଲି ଗୋଇନ୍ଦା ସଂସ୍ଥାର ଜଣେ ଅଧିକାରୀ କହିଛନ୍ତି। ଅଧିକାରୀ ଜଣଙ୍କ ସୂଚନା ଅନୁଯାୟୀ, ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ସଞ୍ଜୟ ୨୦୧୮ ଡିସେମ୍ବରରେ ଗିରଫ ହୋଇ ଜେଲ ଯାଇଥିଲେ। ଜାମିନରେ ଆସିବା ପରେ ପୁଣି ହଳଦୀପଡ଼ିଆ ବସ୍ତିରେ ବ୍ରାଉନସୁଗାର ବ୍ୟବସାୟ କରୁଥିବା ନେଇ ଗୋଇନ୍ଦା ସଂସ୍ଥାକୁ ସୂଚନା ମିଳିଥିଲା। ଏ ନେଇ ସକାଳ ପ୍ରାୟ ସାଢେ ୭ଟାରେ ଏକ ଟିମ୍ ବସ୍ତିରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିଥିଲେ। ଏ ନେଇ ଅବକାରୀ ଗୋଇନ୍ଦା କାର୍ଯ୍ୟାଳୟରେ ମାମଲା(୧୯/୨୦୧୯-୨୦୨୦) ରୁଜୁ ହୋଇଛି।

# କଂଗ୍ରେସ ଭୋଟବ୍ୟାଙ୍କ୍ ଉପରେ ବିଜେଡି, ଭାଜପାର ନଜର

**ନିର୍ମଳ ପଣ୍ଡା**
**କଟକ ଅଫିସ, ୨୪।୪**

**ସାଲେପୁର ବିଧାନସଭା ଆସନ**
- ସାଲେପୁରକୁ ଏନ୍‌ଏସି ଘୋଷଣା ପ୍ରତିଶ୍ରୁତିର ଜବାବ ଦେବେ ଭୋଟର
- ଇଭିଏମ୍‌ରେ ପ୍ରତିଫଳିତ ହୋଇପାରେ ଚାଷ ସମସ୍ୟା

ଏପ୍ରିଲ ୨୯ ଚତୁର୍ଥ ପର୍ଯ୍ୟାୟରେ ସାଲେପୁର ବିଧାନସଭା ଆସନରେ ଭୋଟ ଗ୍ରହଣ କରାଯିବ। କଟକ ଜିଲାର ଏହି ଆସନଟି କେନ୍ଦ୍ରାପଡ଼ା ଲୋକ ସଭା ଅଧୀନରେ ଯାଉଛି। ନିର୍ବାଚନ ମଇଦାନରେ ମୋଟ ୧୧ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କଂଗ୍ରେସ ନିଜର ମୂଳ ଭୋଟବ୍ୟାଙ୍କ୍‌କୁ ନେଇ ଲଢ଼େଇ କରୁଥିବାବେଳେ ବିଜେଡି ଓ ଭାଜପାର ନଜର ଏବେ ଏହା ଉପରେ ରହିଛି। କଂଗ୍ରେସ ଭୋଟକୁ ହାତେଇ ବିଜୟ ମୁକୁଟ ପିନ୍ଧିବାକୁ ଦୁଇ ପ୍ରାର୍ଥୀ ପ୍ରାଣପଣେ ଚେଷ୍ଟା ଚଳାଇଛନ୍ତି। ୨୦୧୪ରେ କଂଗ୍ରେସରୁ ଟିକେଟ ପାଇ ବିଧାୟକ ହୋଇଥିଲେ ପ୍ରକାଶ ବେହେରା। ସେ ଏବେ ଭାଜପାରୁ ନିର୍ବାଚନ ଲଢୁଥିବାବେଳେ କଂଗ୍ରେସରୁ ରବୀନ୍ଦ୍ର କର ପ୍ରାର୍ଥୀ ହୋଇଛନ୍ତି। ବିଜେଡି ଗତ ବିଧାନସଭା ନିର୍ବାଚନର ପରାଜିତ ପ୍ରାର୍ଥୀ ପ୍ରଶାନ୍ତ ବେହେରାଙ୍କୁ ପୁନର୍ବାର ପ୍ରାର୍ଥୀ କରିଛି। ତେବେ ବିଗତ ୨ଟି ନିର୍ବାଚନୀ ଫଳାଫଳ କହୁଛି ସାଲେପୁରରେ ବିଜେଡି ଓ କଂଗ୍ରେସ ମଧ୍ୟରେ ଜୋରଦାର ଲଢ଼େଇ ହୋଇଥିଲା। ଜିତାପଟ୍ ମଧ୍ୟ ଉଣେଇଶବିଶ୍ ଥିଲା। ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ପ୍ରକାଶ ବେହେରା ୨୧୧୭ ଭୋଟରେ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ବେହେରାଙ୍କୁ ପରାସ୍ତ କରିଥିବାବେଳେ ୨୦୦୯ରେ ବିଜେଡି ପ୍ରାର୍ଥୀ ଚନ୍ଦ୍ରସାରଥି ବେହେରା କଂଗ୍ରେସର ପ୍ରକାଶ ବେହେରାଙ୍କୁ ୧୨୭୭ ଖଣ୍ଡ ଭୋଟରେ ହରାଇ ବିଜୟୀ ହୋଇଥିଲେ। ମାତ୍ର ୨୦୧୯ ନିର୍ବାଚନୀ ଚିତ୍ର ବଦଳିଯାଇଛି। ଏଥର ବିଜେଡି ସହିତ ଭାଜପାର ସିଧାସଳଖ ମୁକାବିଲା ହେବ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରିଛନ୍ତି। ତେବେ ୨୦୦୦ରୁ ୨୦୦୯ ମଧ୍ୟରେ ହୋଇଥିବା ୩ଟି ନିର୍ବାଚନରେ ପ୍ରକାଶ ପରାସ୍ତ ହୋଇଥିଲେ ମଧ୍ୟ କଂଗ୍ରେସ ଭୋଟ ବ୍ୟାଙ୍କ ତାଙ୍କ ସହିତ ରହି ଆସିଥିଲା। କିନ୍ତୁ ସେ ଏବେ ଭାଜପାକୁ ଯିବା ପରେ ତାଙ୍କ ସହିତ କେତେ ମାତ୍ରାରେ କଂଗ୍ରେସ ଭୋଟ ଯାଉଛି ତାହାର ଅଙ୍କକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଯଦିଓ ପ୍ରକାଶଙ୍କ ସହିତ ଛାମୁଆ କଂଗ୍ରେସ ନେତାମାନେ ଭାଜପାକୁ ଡେଇଁଛନ୍ତି, ସାଧାରଣ କଂଗ୍ରେସ ଭୋଟର କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହା ଆଗାମୀ ଦିନରେ ଜଣାପଡିବ। ତେବେ କଂଗ୍ରେସ ଭୋଟର ସାଲେପୁର ରାଜନୀତିରେ ନିର୍ଣ୍ଣାୟକ ଭୂମିକା ନେଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

ପ୍ରକାଶ କହିଛନ୍ତି ଯେ, ସେ ସାଲେପୁର ଲୋକଙ୍କ ସହିତ ଅଛନ୍ତି। ସାଲେପୁରବାସୀ ହିଁ ତାଙ୍କର ବଡ଼ ଶକ୍ତି। କଂଗ୍ରେସର ଦୁର୍ଦ୍ଦିନରେ ସେ କଂଗ୍ରେସକୁ ଏଠାରେ ସୁସଂଗଠିତ ରଖି ବିଜେଡିକୁ ଚ୍ୟାଲେଞ୍ଜ ଦେଉଥିଲେ। ଏବେ କଂଗ୍ରେସ ଭୋଟ୍‌ବ୍ୟାଙ୍କ ଭାଜପାରେ ବିଲିନ ହୋଇଥିବା ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ମୋଦିଙ୍କ ବିକାଶ ଓ ଜନହିତକର ଯୋଜନାକୁ ଲୋକଙ୍କ ପାଖରେ ଆମେ ପହଞ୍ଚାଉଛୁ। ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ମଧ୍ୟ ଲୋକେ ଅଙ୍ଗେ ଅଙ୍ଗେ ନିଭାଉଥିବା ଆମକୁ କହୁଛନ୍ତି। ତେଣୁ ଭାଜପା ଭଲ ଭୋଟ ବ୍ୟବଧାନରେ ବିଜୟୀ ହେବ ବୋଲି ପ୍ରକାଶ କହିଛନ୍ତି। କଂଗ୍ରେସ ପ୍ରାର୍ଥୀ ରବୀନ୍ଦ୍ର କର ଭିନ୍ନ ମତ ଦେଇଛନ୍ତି। ସେ କହିଛନ୍ତି, ଭୋଟ ବ୍ୟାଙ୍କ କାହା ସହିତ ଚାଲିଯାଏନା। କଂଗ୍ରେସ ସଂଗଠନକୁ ନେଇ ପ୍ରକାଶ ବଳିଆନ ଥିଲେ। ଏବେ କଂଗ୍ରେସ ସଂଗଠନ ତାଙ୍କ ସହିତ ନାହିଁ। ଯିଏ କଂଗ୍ରେସରୁ ପ୍ରାର୍ଥୀ ହୋଇଛି ସଂଗଠନ ଓ ଭୋଟ ତାହା ସହିତ ରହିବ ଏଥିରେ ଦ୍ୱିମତ ହେବାର ନାହିଁ। ରାଜ୍ୟରେ ବିଜେଡି ଓ କେନ୍ଦ୍ରରେ ଭାଜପା ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡ଼ି ରହିଛନ୍ତି। ଏହିସବୁ ପ୍ରସଙ୍ଗକୁ ନେଇ ଆମେ ଲୋକଙ୍କ ପାଖକୁ ଯାଉଛୁ ବୋଲି ରବୀନ୍ଦ୍ର କହିଛନ୍ତି। ସମୀକ୍ଷକଙ୍କ ମତରେ ନେତା ଚାଲିଗଲେ ଶତ ପ୍ରତିଶତ ଭୋଟ ବ୍ୟାଙ୍କ ଚାଲିଯାଏନି। କଂଗ୍ରେସର ପାରମ୍ପରିକ ଭୋଟ କଂଗ୍ରେସ ପ୍ରାର୍ଥୀଙ୍କ ସହିତ ରହିବ ବୋଲି ସେମାନେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରଶାନ୍ତ କହିଛନ୍ତି, ଲୋକେ ବିଜେଡିକୁ ଭୋଟ ଦେବାକୁ ମନସ୍ଥ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ଓ ଜନହିତକର ଯୋଜନା ଲୋକଙ୍କ ପାଖରେ ପହଞ୍ଚିଛି। ସାଲେପୁରକୁ ଏକ ବିକଶିତ ନିର୍ବାଚନମଣ୍ଡଳୀରେ ପରିଣତ କରିବାର ପ୍ରତିବଦ୍ଧତା ନେଇ ମୁଁ ଲୋକଙ୍କୁ ଭେଟୁଛି। ଲୋକଙ୍କର ସମର୍ଥନ ବିଜେଡି ପ୍ରତି ଥିବା ମୁଁ ପ୍ରଚାରରୁ ଜାଣିପାରୁଛି। ସାଲେପୁରରେ ବିଜେଡି ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହେବ ବୋଲି ପ୍ରଶାନ୍ତ ଆଶାବାଦୀ ଅଛନ୍ତି।

ପ୍ରାର୍ଥୀମାନେ ଏଭଳି କଥା କହୁଥିବାବେଳେ ସାଲେପୁର ଭୋଟରଙ୍କ ମତ ବେଶ୍ ଭିନ୍ନ ରହିଛି। ଜଣେ ଭୋଟର ଆଲୋକ ଭୂୟାଁ କହିଛନ୍ତି, ସାଲେପୁରକୁ ବିଜ୍ଞାପିତ ପରିଷଦ (ଏନ୍‌ଏସି) ଦାବି ଏଠାରେ ଦୀର୍ଘଦିନରୁ ହୋଇ ଆସୁଛି। ନିର୍ବାଚନ ଆସିଲେ ନେତାମାନେ ଏନେଇ ବାରମ୍ବାର ପ୍ରତିଶ୍ରୁତି ଦେଇ ପରେ ଭୁଲି ଯାଉଛନ୍ତି। ପ୍ରଭାତ ବେହେରା ନାମକ ଜଣେ ଚାଷୀଙ୍କ ମତରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ପ୍ରତି ବିମୁଖ। ସାଲେପୁରର ଚାଷଜମିକୁ ପାଣି ଯାଉନି। ଚାଷୀ ଫସଲର ଉଚିତ ପ୍ରାପ୍ୟ ପାଉନି। ତେଣୁ ଭୋଟ ଦେବା ପୂର୍ବରୁ ଚାଷୀ ଏକଥାକୁ ଚିନ୍ତା କରିବେ ବୋଲି ପ୍ରଭାତ କହିଛନ୍ତି। ଉତ୍ତମ ବେହେରାଙ୍କ ମତରେ କେନ୍ଦ୍ର ହେଉ ଅବା ରାଜ୍ୟ, ପ୍ରତି ୫ ବର୍ଷରେ ଥରେ ନେତା ଓ ସରକାର ବଦଳିବା ଦରକାର। ଏହାଦ୍ୱାରା ବିକାଶର ଧାରା ତ୍ୱରାନ୍ୱିତ ହୋଇପାରିବ ବୋଲି ସେ କହିଛନ୍ତି।

## ଭାଜପା, ବିଜେଡିର ରୋଡ୍ ଶୋ’

**କଣ୍ଟାପଡା, ୨୪।୪(ଡି.ଏନ୍.ଏ.)**

ଆସନ୍ତା ୨୯ ତାରିଖରେ ରାଜ୍ୟରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ନିଆଳି ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ଛବି ମଲ୍ଲିକ ବୁଧବାର କଣ୍ଟାପଡା ବ୍ଲକ ନାହାଳପୁର ପଞ୍ଚାୟତର ଚିଙ୍ଗୁଡିଆଠାରୁ ରୋଡ୍ ଶୋ’ରେ ବାହାରି ଗୁଣାଦୋଳ, ନାହାଳପୁର, ନୂଆଗାଁ, ଗୋବିନ୍ଦପୁର, ଝାରପଡା, ପାଟସୁନ୍ଦରପୁର, ବ୍ରାହ୍ମଣସାଇଲୋ, କଣ୍ଟାପଡା, ବାଗଲପୁର, ଅଡଶପୁର ଆଦି ପଞ୍ଚାୟତ ପରିକ୍ରମା କରିବା ସହ ନିଜ ସପକ୍ଷରେ ଭୋଟ୍ ଦେବାକୁ ଲୋକଙ୍କୁ ନିବେଦନ କରିଥିଲେ। ଏହି ରୋଡ୍ ଶୋ’ରେ ଭାଜପା ନେତା ଆର୍ତ୍ତତ୍ରାଣ ମଲ୍ଲିକ, କୃଷ୍ଣଚନ୍ଦ୍ର ମଲ୍ଲିକ, ରବିନାରାୟଣ ମହାପାତ୍ର, ବିଶ୍ୱମ୍ଭର ଜେନା, ପ୍ରଭାତ ମହାପାତ୍ର, ଅଭିମନ୍ୟୁ ମଲ୍ଲିକ, ଧନଞ୍ଜୟ ପଣ୍ଡା, ଗୋବିନ୍ଦପୁର ସରପଞ୍ଚ ଲଲାଟେନ୍ଦୁ ପ୍ରସାଦ ଦାଶ, ଅଶୋକ ରଥ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବିଜେଡି ପ୍ରାର୍ଥୀ ପ୍ରମୋଦ କୁମାର ମଲ୍ଲିକ ବହୁ ସଂଖ୍ୟାରେ କର୍ମୀଙ୍କ ସହ ଅନ୍ୟ ଜୋନ୍‌ରେ ରୋଡ୍ ଶୋ’ କରି ବିଜେଡିକୁ ଭୋଟ ଦେବା ପାଇଁ ଲୋକଙ୍କୁ ଅନୁରୋଧ କରିଥିଲେ। ଏହି ରୋଡ୍ ଶୋ’ରେ ବିଜେଡି ନେତ୍ରୀ ସ୍ମିତାରାଣୀ ସ୍ୱାଇଁ, ସୁଦର୍ଶନ ରାଉତରାୟଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତଥିଲେ।

## ଓଡ଼ିଆ ବାଣୀ ଭଣ୍ଡାରକୁ ଶ୍ରୀଧର ଦାସଙ୍କ ଅବଦାନ ଅତୁଳନୀୟ




ସାରଳା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**କଟକ ଅଫିସ, ୨୪।୪**

କଟକ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ସାରସ୍ୱତ ସାଧକ ପ୍ରଫେସର ଶ୍ରୀଧର ଦାସ ସାରସ୍ୱତ ସନ୍ଧ୍ୟା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ମଦନ ମୋହନ ଦାସ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଶ୍ରୀଧର ଦାସ ଜଣେ ଧୀଶକ୍ତିସମ୍ପନ୍ନ ବ୍ୟାକରଣକାର ଥିଲେ। ତାଙ୍କ ଗବେଷଣା ଶୈଳୀ ଥିଲା ସ୍ୱତନ୍ତ୍ର ଓ ଅଭିନବ। ଯାହାକି ଆଗାମୀ ପିଢି ପାଇଁ ଆଦର୍ଶ ହୋଇ ରହିବ। ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଥିଲେ, ଶ୍ରୀଧର ଦାସ ଜଣେ ବିଦ୍ୱାନ, ସାହିତ୍ୟ ସମାଲୋଚକ, ଅନୁବାଦକ, ଗ୍ରନ୍ଥ ସମ୍ପାଦକ ଏବଂ ଜୀବନୀ ଲେଖକ। ତାଙ୍କ ଭଳି ସାରସ୍ୱତ ସାଧକ ଓଡ଼ିଶା ସାହିତ୍ୟରେ ବିରଳ। ଭାଷାବିତ୍ ଡ. ବସନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଓଡ଼ିଆବାଣୀ ଭଣ୍ଡାରକୁ ସମୃଦ୍ଧ କରିବାରେ ଶ୍ରୀଧର ଦାସଙ୍କ ଅବଦାନ ଅତୁଳନୀୟ। ଏହି ଅବସରରେ ଗବେଷକ ପ୍ରଫେସର ଯତୀନ୍ଦ୍ର କୁମାର ନାୟକଙ୍କୁ ଶ୍ରୀଧର ଦାସ ସମ୍ମାନ ପ୍ରଦାନ କରାଯାଇଥିଲା। ହେଲେ ଏହି କାର୍ଯ୍ୟକ୍ରମରେ ଯତୀନ୍ଦ୍ର ଅନୁପସ୍ଥିତ ଥିବାରୁ ତାଙ୍କ ପୁତ୍ର ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏଥିସହ କବି ପ୍ରମୋଦ ଦାସଙ୍କ କବିତା ସଙ୍କଳନ ‘ମହକ’ ଉନ୍ମୋଚିତ ହୋଇଥିଲା। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଡ. ସ୍ନେହ ମିଶ୍ର ମାନପତ୍ର ପାଠ କରିଥିଲେ। ସାରସ୍ୱତ ସାଧକ ଶ୍ରୀଧରଙ୍କ ପୁତ୍ର ଇଂ. ରଘୁନାଥ ପ୍ରସାଦ ଦାସ, ମୋନା ଦାସ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଇଂ. ଦେବ ଦାସ, ଡ. ତୃପ୍ତି ଦାସ, ବନଶ୍ରୀ ମହାପାତ୍ର, ବିଭୁପ୍ରସାଦ ରାଉତ, ବ୍ରଜକିଶୋର ବେଉରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅର୍ଚ୍ଚନା ବେଉରିଆ ଧନ୍ୟବାଦ ଦେଇଥିଲେ।

## ୨୬ରୁ ଆନ୍ତର୍ଜାତିକ ନୃତ୍ୟ, ସଙ୍ଗୀତ ସମାରୋହ

**କଟକ ଅଫିସ, ୨୪।୪**

କଟକ ବକ୍ସିବଜାରସ୍ଥିତ ନ୍ୟାଶନାଲ ମ୍ୟୁଜିକ ଆସୋସିଏଶନ ପରିସରରେ ଆନ୍ତର୍ଜାତିକ ନୃତ୍ୟ ଓ ସଙ୍ଗୀତ ସମାରୋହ ଆସନ୍ତା ୨୬ ତାରିଖଠାରୁ ଆରମ୍ଭ ହେବ। ଏହା ୩ ଦିନ ଚାଲିବ। ଏହି ସମାରୋହରେ ଓଡ଼ିଶୀ, କଥକ, ମୋହିନୀ ଆଟମ୍, ଭାରତନାଟ୍ୟମ ଆଦି ପ୍ରଦର୍ଶନ କରାଯିବ। ଏଥିପାଇଁ ଅନୁଷ୍ଠାନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ପ୍ରତ୍ୟହ ସନ୍ଧ୍ୟା ୬ଟାରୁ ୯ଟା ମଧ୍ୟରେ ୫ଟି ଗ୍ରୁପ୍ ଦ୍ୱାରା ନୃତ୍ୟ, ସଙ୍ଗୀତ, ବାଦ୍ୟ ପରିବେଷଣ କରାଯିବ। ରାଜ୍ୟ ସହିତ ରାଜ୍ୟ ବାହାରୁ ମଧ୍ୟ ୮୦ ଜଣ ସଙ୍ଗୀତଜ୍ଞ, ନୃତ୍ୟଶିଳ୍ପୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଆସୋସିଏଶନ ସଭାପତି ହେମନ୍ତ ଦାସ, ଉପସଭାପତି ବାପି ଲେଙ୍କା ଓ ସାଧାରଣ ସମ୍ପାଦକ ରତିରଞ୍ଜନ ଗଡନାୟକ କହିଛନ୍ତି। ସୂଚନାଯୋଗ୍ୟ, ଏହି ଅନୁଷ୍ଠାନରେ ବର୍ତ୍ତମାନ ୯୫ ଜଣ ଛାତ୍ରୀଛାତ୍ର ଯୋଗଦେଇ ଓଡିଶୀ, ହିନ୍ଦୁସ୍ଥାନ ଭୋକାଲ, ତବଲା, ଶାସ୍ତ୍ରୀୟ ସଙ୍ଗୀତ, ଶିକ୍ଷା ଲାଭ କରୁଛନ୍ତି।

## ନର୍ସିଂ ହେଉଛି ମହନୀୟ ବୃତ୍ତି

**କଟକ ଅଫିସ,୨୪।୪**

କଟକ ଜିଲା ଟାଙ୍ଗୀଠାରେ ଥିବା ଡ୍ରିମ୍ସ କଲେଜର ଜୟଶ୍ରୀ ଅଡିଟୋରିୟମରେ ବୁଧବାର ବିଦାୟ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ନର୍ସିଂ ହେଉଛି ଏକ ମହନୀୟ ବୃତ୍ତି। ଏହି ବୃତ୍ତିରେ ଯୋଗଦେବାକୁ ଯାଉଥିବା ଛାତ୍ରୀଛାତ୍ର ଉତ୍ସର୍ଗୀକୃତ ମନୋଭାବ ନେଇ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଏକାଡେମିକ୍ ନିର୍ଦ୍ଦେଶକ ଲୋକନାଥ ବେହେରା, ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ଅନସୂୟା ପଟ୍ଟନାୟକ, ଉପାଧ୍ୟକ୍ଷା ଏନ୍. ପ୍ରେମଲତା ଦେବୀ, ପ୍ରାଧ୍ୟାପିକା ଟିଣ୍ଟୁ ଆନିମାଥ୍ୟୁ, ଅଧ୍ୟାପକ ବିନୁ ଜାଭିୟର ଓ ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ଯୋଗଦେଇଥିଲେ। ଏହି ଅବସରରେ ଡ୍ରିମ୍‌ସ ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂରେ ବିଏସ୍‌ସି ନର୍ସିଂ ୨୦୧୪-୧୮ବ୍ୟାଚ୍ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ବିଏସସି ଚତୁର୍ଥ ବର୍ଷ ଛାତ୍ରୀ ଦେବସ୍ମିତା ଓ ନିବେଦିତା ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଛାତ୍ରୀ ପ୍ରତୀକ୍ଷା ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।



## ଅସଦାଚରଣ ମାମଲା ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

**ସାଲେପୁର,୨୪।୪(ଡି.ଏନ.ଏ.)**

ସାଲେପୁର କୋର୍ଟର ଅତିରିକ୍ତ ଜିଲା ଦୌରାଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ବୁଧବାର ଏକ ଅସଦାଚାରଣ ମାମଲାର ବିଚାର କରି ଜଣେ ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଆଦାୟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୩ ମାସ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି ବୋଲି ସରକାରୀ ଆଇନଜୀବୀ ଯତୀନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ଜଗତ୍‌ପୁର ଥାନା ଅଧୀନ ସାଲେପୁର ବ୍ଲକ ଗୁଜରପୁର ଗ୍ରାମର ଆସିକ ବକ୍ସ(୨୪) ଗତ ୨/୭/୨୦୧୭ରେ ତାଙ୍କ ବଡ଼ଭାଉଜଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ତାଙ୍କ ଭାଉଜ ଜଗତ୍‌ପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ତତ୍କାଳୀନ ଥାନା ତଦନ୍ତ ଅଧିକାରୀ ପ୍ରମୋଦ କୁମାର ଦାସ ମାମଲା ନଂ.-୧୩୮/୧୭ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ୍‌କୁ ପଠାଇ ଦିଆଯାଇଥିଲା। ଏବେ ସେ ଜେଲ୍‌ରେ ଅଛନ୍ତି। ପରେ ତଦନ୍ତ ଅଧିକାରୀ ଏହାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ୬ ଫର୍ଦ୍ଦ ଅଭିଯୋଗ କୋର୍ଟରେ ଦାଖଲ କରିଥିଲେ। କୋର୍ଟ ମାମଲାର ବିଚାର କରି ଏହି ରାୟ ଶୁଣାଇଛନ୍ତି।

## ମହିଳାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା

**ବଡ଼ମ୍ବା,୨୪।୪(ଡି.ଏନ.ଏ.)**

- ଯୌତୁକ ଜନିତ ହତ୍ୟା ଅଭିଯୋଗ ଆଣିଲେ ବାପା
- ସ୍ୱାମୀ ଗିରଫ
- ପୋଲିସ ତଦନ୍ତ ଜାରି
- ଟଙ୍କା ନ ଆଣିଲେ ଛେଳି ଚରାଇବାକୁ ଧମକ ଦେଇଥିଲେ ସ୍ୱାମୀ

ଯୌତୁକ ଟଙ୍କା ନ ଆଣିବାରୁ ଜଣେ ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ନିର୍ଯାତନା ଦେବାସହ ଶ୍ୱାସରୁଦ୍ଧ କରି ହତ୍ୟା କରିଛନ୍ତି। ଏ ନେଇ ମହିଳାଙ୍କ ବାପା ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା ନଂ-୭୮/୧୯ରୁଜୁ କରି ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି। ଏପରି ଘଟଣା କଟକ ଜିଲା ବଡ଼ମ୍ବା ଥାନା ବନମାଳୀପୁର ପଞ୍ଚାୟତ ଅଧୀନ ଗଗନା ଗ୍ରାମରେ ଘଟିଛି।

ଅଭିଯୋଗ ଅନୁସାରେ, ବଡ଼ମ୍ବା ଥାନା ନୂଆକେଶାବେରେଣୀ ଗ୍ରାମର ପ୍ରାଣବନ୍ଧୁ ବେହେରାଙ୍କ ଝିଅ ସତ୍ୟଭାମା ବେହେରା(୨୯)ଗଗନା ଗ୍ରାମର ପ୍ରାଣବନ୍ଧୁ ବେହେରାଙ୍କ ପୁଅ ସଞ୍ଜୟଙ୍କୁ ୧୧ ବର୍ଷ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ବାବଦକୁ ୫୦ ହଜାର ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହାପରେ ସତ୍ୟଭାମାଙ୍କ ଶାଶୁଘର ଲୋକେ ଅଧିକ ଟଙ୍କା ଆଣିବାକୁ ଦାବି କରି ସତ୍ୟଭାମାଙ୍କୁ ଦୀର୍ଘଦିନ ହେବ ନିର୍ଯାତନା ଦେଇ ଆସୁଥିଲେ। ଘଟଣା ସମ୍ପର୍କରେ ସତ୍ୟଭାମା ତାଙ୍କ ବାପାଙ୍କୁ ବାରମ୍ବାର ଜଣାଇଥିଲେ। ହେଲେ ଆଉ ଅଧିକ ଟଙ୍କା ଦେଇପାରିବୁ ନାହିଁ ବୋଲି ସତ୍ୟଭାମାଙ୍କ ବାପା କହିବା ସହ ଭଦ୍ରବ୍ୟକ୍ତିଙ୍କ ଜରିଆରେ ଝିଅ ଶାଶୁ ଘରକୁ ଯାଇ ଏହାର ସମାଧାନ କରିଥିଲେ। କିଛିଦିନ ଠିକ୍‌ଠାକ୍ ଚାଲିବା ପରେ ଗତ ୨୧ ତାରିଖରେ ସତ୍ୟଭାମା ପୁଣି ତାଙ୍କ ବାପାଙ୍କ ପାଖକୁ ଆସି ମୋତେ ୨୦ ହଜାର ଟଙ୍କା ଦିଅ, ନ ଚେତ୍ ଶାଶୁ ଘର ପରିବାର ଲୋକେ ମୋତେ ମାରିଦେବେ ବୋଲି ଧମକ ଦେଇଥିବା କଥା କାନ୍ଦି କାନ୍ଦି କହିଥିଲେ। ଏପରି କି ଟଙ୍କା ନ ଆଣିଲେ ଛେଳି ଚରାଇବା ପାଇଁ ସ୍ୱାମୀ ବାଧ କରିଥିବା କହିଥିଲେ। ଘଟଣା ଶୁଣିବା ପରେ ସତ୍ୟଭାମାଙ୍କ ବାପା ତାଙ୍କ ଶାଶୁ ଘରକୁ ଯାଇ ସ୍ୱାମୀ, ଶ୍ୱଶୁର ଓ ଶାଶୁଙ୍କୁ ବୁଝାସୁଝା କରିବା ସହିତ ଝିଅକୁ ମାରଧର କରିବ ନାହିଁ, ମୁଁ ସୁବିଧା ଦେଖି ଟଙ୍କା ଦେବି ବୋଲି କହି ଝିଅକୁ ଛାଡ଼ି ଆସିଥିଲେ। ମାତ୍ର ମଙ୍ଗଳବାର ଅପରାହ୍ନରେ ସତ୍ୟଭାମାଙ୍କ ମୃତ୍ୟୁ ହୋଇ ଯାଇଥିବା ତାଙ୍କ ବାପା ଖବର ପାଇଥିଲେ। ଏହାପରେ ସତ୍ୟଭାମାଙ୍କ ଶାଶୁଘରକୁ ଆସି ଘଟଣା ସମ୍ପର୍କରେ ଜାଣିବା ସହ ଝିଅକୁ ତାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କ ସମେତ ଅନ୍ୟମାନେ ମିଶି ଶ୍ୱାସରୁଦ୍ଧ କରି ମାରି ଦେଇଥିବା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସତ୍ୟଭାମାଙ୍କ ଶାଶୁଘର ଲୋକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



ମତଦାନ ପରେ ବୁଧବାର କଟକ ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ ଇଞ୍ଜିନିୟରିଂ(ବୋଷ) କ୍ୟାମ୍ପସ ପରିସରରେ ଇଭିଏମ୍ ରଖାଯାଇଥିବା ଷ୍ଟ୍ରଙ୍ଗରୁମ୍‌କୁ ସିଲ୍ କରିବାକୁ ଯାଉଥିବା ପର୍ଯ୍ୟବେକ୍ଷକ ଓ ଜିଲାପାଳ ଅରବିନ୍ଦ ଅଗ୍ରୱାଲ।



କଟକ ରାଜେନ୍ଦ୍ର ନଗରରୁ ଲିଙ୍କ୍‌ରୋଡକୁ ସଂଯୋଗ କରୁଥିବା ରାସ୍ତାକୁ ଖୋଳି ଦିଆଯିବା ଫଳରେ ଲୋକଙ୍କ ପାଇଁ ଏହା ମରଣଯନ୍ତା ପାଲଟିଛି।



ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ। -ଫ୍ରାଙ୍କ୍‌ଲିନ



## ସଂକ୍ଷେପରେ

### ତବରେଜ ଖାଁ ବିସିଜେଡିର ସାଧାରଣ ସମ୍ପାଦକ



**କଟକ ଅଫିସ/ସାଲେପୁର, (ଡି.ଏନ୍.ଏ.) ୨୪।୪:** କଟକ ଜିଲା ସାଲେପୁର ଅଞ୍ଚଳର ଛାତ୍ରନେତା ତବରେଜ ଖାଁଙ୍କୁ ବିଜୁ ଛାତ୍ର ଜନତା ଦଳ (ବିସିଜେଡି)ର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ତାଙ୍କୁ ଏହି ପଦବୀ ଦିଆଯାଇଥିବା ଜଣାପଡ଼ିଛି। ଏ ନେଇ ତବରେଜ ମୁଖ୍ୟମନ୍ତ୍ରୀ, ରାଜ୍ୟ ସଂଖ୍ୟାଲଘୁ ସେଲ୍‌ର ସଭାପତି ମୁନା ଖାଁଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ବାଙ୍କୀରେ ୭୬.୫୪ ପ୍ରତିଶତ ମତଦାନ

**ବାଙ୍କୀ,୨୪।୪(ସ୍ୱ.ପ୍ର.):** ବାଙ୍କୀ ବିଧାନସଭା ନିର୍ବଚନମଣ୍ଡଳୀରେ ହୋଇଥିବା ନିର୍ବାଚନରେ ମଙ୍ଗଳବାର ୭୬.୫୪ ପ୍ରତିଶତ ମତଦାନ ହୋଇଛି। ମୋଟ୍ ୨,୦୯, ୭୭୬ ଭୋଟରଙ୍କ ମଧ୍ୟରୁ ୮୩,୫୫୨ ପୁରୁଷ ଓ ୭୬,୬୪୩ ମହିଳା ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। ଇଭିଏମ୍ ବକ୍ସ ଓ ଭିଭିପିଏଟି ଗୁଡ଼ିକୁ ରାତିରେ ବାଙ୍କୀ କଲେଜଠାରେ ନିର୍ମିତ ଷ୍ଟ୍ରଙ୍ଗରୁମ୍‌ରେ ସିଲ୍ କରାଯାଇ ସୁରକ୍ଷିତ ରଖାଯାଇଛି। ଏଥିପାଇଁ ୨୪ ଘଣ୍ଟିଆ ପୋଲିସ ଫୋର୍ସ ମୁତୟନ କରାଯାଇଛି। ନିର୍ବାଚନ ପର୍ଯ୍ୟବେକ୍ଷକ ଏ.ବି. କାଲେରିଆଙ୍କ ଉପସ୍ଥିତିରେ ଇଭିଏମ୍ ବକ୍ସ ଗୁଡ଼ିକ ସିଲ କରା ଯାଇଥିଲା।

### ଆଖୁ ଟନ ୩୫ ଶହ ଟଙ୍କା କରିବାକୁ ଦାବି



**ରଘୁନାଥପୁର, ୨୪।୪ (ଡି.ଏନ.ଏ.):** ରଘୁନାଥପୁର ବ୍ଲକ ଅଞ୍ଚଳର ଆଖୁ ଚାଷୀମାନେ ବୁଧବାର ଏକ ଖବରଦାତା ସମ୍ମିଳନୀ ଡାକି ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବ୍ଲକ ଅନ୍ତର୍ଗତ ରଘୁନାଥପୁର କୁଆମଙ୍ଗଠାରେ ଆୟୋଜିତ ସମ୍ମିଳନୀରେ ନେତୃତ୍ୱ ନେଇଥିବା ପ୍ରଶାନ୍ତ କୁମାର ରାୟ୍। ସେ ଆଖୁ ଟନ୍ ପିଛା ୩୫ ଶହ ଟଙ୍କା କରିବାକୁ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି। ନଚେତ୍ ସମସ୍ତ ଚାଷୀ ଆଖୁ ଫସଲ ବନ୍ଦ ରଖିବା ପାଇଁ ଏକ ପ୍ରକାର ବାଧ ହେବେ ବୋଲି ସୂଚାଇ ଦେଇଛନ୍ତି। ଆଖୁ ଚାଷୀ ସେମାନଙ୍କ ପ୍ରତିକ୍ରିୟାରେ କୁହନ୍ତି, ବର୍ତ୍ତମାନ ଡିଜେଲ, ସାର, କୀଟନାଶକ, ମଜୁରି ଓ ଟ୍ରାନ୍ସପୋଟେଶନ ମୂଲ୍ୟ ଆଶାତିତ ଭାବେ ବୃଦ୍ଧି ପାଇ ଚାଲିଛି। ଟନ୍ ପିଛା ରେଟ୍ ୨୫ଶହ ୨୫ ଟଙ୍କାରେ ଆଖୁ ବିକ୍ରୟ୍ କରି ଚାଷୀ ଲାଭବାନ ହେବା ପରିବର୍ତ୍ତେ ଅନେକ କ୍ଷତି ସହୁଛନ୍ତି। ଶକ୍ତି ସୁଗାର କମ୍ପାନୀ ମାଧ୍ୟମରେ ବ୍ୟାଙ୍କରୁ ଋଣ ଆଣି ଚାଷୀମାନେ ଆଖୁ ଚାଷ କରିଥାନ୍ତି। ଆଖୁ ଦେବାର ୪ ମାସ ପରେ ଚାଷୀଙ୍କୁ ପ୍ରାପ୍ୟ ମିଳିବା ଏବଂ କମ୍ପାନୀ ପକ୍ଷରୁ ବ୍ୟାଙ୍କ ଋଣ ଅର୍ଥ ପଇଠ କରାଯାଇଥାଏ। ଅବଶିଷ୍ଟ ବଳକା ଅର୍ଥରେ ଚାଷୀ ନିଜର ଗୁଜୁରାଣ ମେଣ୍ଟାଇବା କଷ୍ଟ ସାଧ ହୋଇପଡୁଛି। ବାରମ୍ବାର ଆଖୁ ରେଟ ବୃଦ୍ଧି କରାଯିବା ପାଇଁ ଚାଷୀମାନଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲେ ସୁଧା ସରକାରଙ୍କ ଏଥିପ୍ରତି ଆନ୍ତରିକତା ପ୍ରକାଶ ପାଉନି। ଏହି ବ୍ଲକ ଅଞ୍ଚଳରେ ଏକ ହଜାର ଏକର ଜମିରେ ଆଖୁ ଚାଷ କରାଯାଉଛି। ଧୀରେ ଧୀରେ ଚାଷୀମାନେ ଆଖୁ ଚାଷ ପ୍ରତି ବିମୁଖ ହୋଇ ପଡିଛନ୍ତି। ଯଦି ସରକାର ଏଥିପ୍ରତି ଧାନ ନ ଦିଅନ୍ତି ତାହା ହେଲେ ଶତକଡା ୫୦ ପ୍ରତିଶତ ଚାଷୀ ଚାଷ ଛାଡିବାକୁ ବାଧ ହେବେ। ସେହି ପରିମାଣରେ ବେକାରୀ ସଂଖ୍ୟା ବୃଦ୍ଧି ପାଇବ। ଅନ୍ୟପକ୍ଷରେ ଶକ୍ତି ସୁଗାର ପକ୍ଷରୁ ଗୋଟିଏ ପ୍ଲାଣ୍ଟ ଥିବା ଏବଂ ଅନେକ ସମୟରେ ଯାନ୍ତ୍ରିକ ତ୍ରୁଟିରୁ ପ୍ଲାଣ୍ଟ ବନ୍ଦ ରହୁଥିବାରୁ ଚାଷୀମାନଙ୍କ ଅନେକ କ୍ଷତି ସହୁଛନ୍ତି। ଆଖୁର ଟନ୍ ମୂଲ୍ୟ ବୃଦ୍ଧି ସହ ଅଧିକ ପ୍ଲାଣ୍ଟ ବସାଯିବା ପାଇଁ ଚାଷୀଙ୍କ ପକ୍ଷରୁ ଦାବି କରାଯାଇଛି। ଚାଷୀ ପବିତ୍ର ମୋହନ ନାୟକ, ଶମ୍ଭୁନାଥ ସ୍ୱାଇଁ, ଲକ୍ଷ୍ମଣ ବେହେରା, ସମୟ୍ ସ୍ୱାଇଁ, ହେମନ୍ତ ନାୟକ, ବିଚିତ୍ର ସ୍ୱାଇଁ, କମଳ କାନ୍ତ ସ୍ୱାଇଁ, ଗୋପାଳ ଚନ୍ଦ୍ର ସ୍ୱାଇଁ, ପ୍ରମୋଦ କୁମାର ମହାନ୍ତିଙ୍କ ସମେତ ବହୁ ଚାଷୀ ନିଜର ଦାବି ପ୍ରତି ସୁବିଚାର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# କଂଗ୍ରେସ ଭୋଟବ୍ୟାଙ୍କ୍ ଉପରେ ବିଜେଡି, ଭାଜପାର ନଜର

**ନିର୍ମଳ ପଣ୍ଡା**
**କଟକ ଅଫିସ, ୨୪।୪**

**ସାଲେପୁର ବିଧାନସଭା ଆସନ**
- ସାଲେପୁରକୁ ଏନ୍‌ଏସି ଘୋଷଣା ପ୍ରତିଶ୍ରୁତିର ଜବାବ ଦେବେ ଭୋଟର
- ଇଭିଏମ୍‌ରେ ପ୍ରତିଫଳିତ ହୋଇପାରେ ଚାଷ ସମସ୍ୟା

ଏପ୍ରିଲ ୨୯ ଚତୁର୍ଥ ପର୍ଯ୍ୟାୟରେ ସାଲେପୁର ବିଧାନସଭା ଆସନରେ ଭୋଟ ଗ୍ରହଣ କରାଯିବ। କଟକ ଜିଲାର ଏହି ଆସନଟି କେନ୍ଦ୍ରାପଡ଼ା ଲୋକସଭା ଅଧୀନରେ ଯାଉଛି। ନିର୍ବାଚନ ମଇଦାନରେ ମୋଟ ୧୧ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କଂଗ୍ରେସ ନିଜର ମୂଳ ଭୋଟବ୍ୟାଙ୍କ୍‌କୁ ନେଇ ଲଢ଼େଇ କରୁଥିବାବେଳେ ବିଜେଡି ଓ ଭାଜପାର ନଜର ଏବେ ଏହା ଉପରେ ରହିଛି। କଂଗ୍ରେସ ଭୋଟକୁ ହାତେଇ ବିଜୟ ମୁକୁଟ ପିନ୍ଧିବାକୁ ଦୁଇ ପ୍ରାର୍ଥୀ ପ୍ରାଣପଣେ ଚେଷ୍ଟା ଚଳାଇଛନ୍ତି।

୨୦୧୪ରେ କଂଗ୍ରେସରୁ ଟିକେଟ ପାଇ ବିଧାୟକ ହୋଇଥିଲେ ପ୍ରକାଶ ବେହେରା। ସେ ଏବେ ଭାଜପାରୁ ନିର୍ବାଚନ ଲଢୁଥିବାବେଳେ କଂଗ୍ରେସରୁ ରବୀନ୍ଦ୍ର କର ପ୍ରାର୍ଥୀ ହୋଇଛନ୍ତି। ବିଜେଡି ଗତ ବିଧାନସଭା ନିର୍ବାଚନର ପରାଜିତ ପ୍ରାର୍ଥୀ ପ୍ରଶାନ୍ତ ବେହେରାଙ୍କୁ ପୁନର୍ବାର ପ୍ରାର୍ଥୀ କରିଛି। ତେବେ ବିଗତ ୨ଟି ନିର୍ବାଚନୀ ଫଳାଫଳ କହୁଛି ସାଲେପୁରରେ ବିଜେଡି ଓ କଂଗ୍ରେସ ମଧ୍ୟରେ ଜୋର୍‌ଦାର ଲଢ଼େଇ ହୋଇଥିଲା। ଜିତାପଟ୍‌ମଧ୍ୟ ଉଣେଇଶବିଶ୍ ଥିଲା। ୨୦୧୪ରେ କଂଗ୍ରେସ ପ୍ରାର୍ଥୀ ପ୍ରକାଶ ବେହେରା ୨୧୧୭ ଭୋଟରେ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ ବେହେରାଙ୍କୁ ପରାସ୍ତ କରିଥିବାବେଳେ ୨୦୦୯ରେ ବିଜେଡି ପ୍ରାର୍ଥୀ ଚନ୍ଦ୍ରସାରଥି ବେହେରା କଂଗ୍ରେସର ପ୍ରକାଶ ବେହେରାଙ୍କୁ ୧୨୭୭ ଖଣ୍ଡ ଭୋଟରେ ହରାଇ ବିଜୟୀ ହୋଇଥିଲେ। ମାତ୍ର ୨୦୧୯ ନିର୍ବାଚନୀ ଚିତ୍ର ବଦଳିଯାଇଛି। ଏଥର ବିଜେଡି ସହିତ ଭାଜପାର ସିଧାସଳଖ ମୁକାବିଲା ହେବ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରିଛନ୍ତି। ତେବେ ୨୦୦୦ରୁ ୨୦୦୯ ମଧ୍ୟରେ ହୋଇଥିବା ୩ଟି ନିର୍ବାଚନରେ ପ୍ରକାଶ ପରାସ୍ତ ହୋଇଥିଲେ ମଧ୍ୟ କଂଗ୍ରେସ ଭୋଟ ବ୍ୟାଙ୍କ ତାଙ୍କ ସହିତ ରହି ଆସିଥିଲା। କିନ୍ତୁ ସେ ଏବେ ଭାଜପାକୁ ଯିବା ପରେ ତାଙ୍କ ସହିତ କେତେ ମାତ୍ରାରେ କଂଗ୍ରେସ ଭୋଟ ଯାଉଛି ତାହାର ଅଙ୍କକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଯଦିଓ ପ୍ରକାଶଙ୍କ ସହିତ ଛାମୁଆ କଂଗ୍ରେସ ନେତାମାନେ ଭାଜପାକୁ ଡେଇଁଛନ୍ତି, ସାଧାରଣ କଂଗ୍ରେସ ଭୋଟର କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହା ଆଗାମୀ ଦିନରେ ଜଣାପଡିବ। ତେବେ କଂଗ୍ରେସ ଭୋଟର ସାଲେପୁର ରାଜନୀତିରେ ନିର୍ଣ୍ଣାୟକ ଭୂମିକା ନେଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

ପ୍ରକାଶ କହିଛନ୍ତି ଯେ, ସେ ସାଲେପୁର ଲୋକଙ୍କ ସହିତ ଅଛନ୍ତି। ସାଲେପୁରବାସୀ ହିଁ ତାଙ୍କର ବଡ଼ ଶକ୍ତି। କଂଗ୍ରେସର ଦୁର୍ଦ୍ଦିନରେ ସେ କଂଗ୍ରେସକୁ ଏଠାରେ ସୁସଂଗଠିତ ରଖି ବିଜେଡିକୁ ଚ୍ୟାଲେଞ୍ଜ ଦେଉଥିଲେ। ଏବେ କଂଗ୍ରେସ ଭୋଟ୍‌ବ୍ୟାଙ୍କ ଭାଜପାରେ ବିଲିନ ହୋଇଥିବା ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ମୋଦିଙ୍କ ବିକାଶ ଓ ଜନହିତକର ଯୋଜନାକୁ ଲୋକଙ୍କ ପାଖରେ ଆମେ ପହଞ୍ଚାଉଛୁ। ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ମଧ୍ୟ ଲୋକେ ଅଙ୍ଗେ ଅଙ୍ଗେ ନିଭାଉଥିବା ଆମକୁ କହୁଛନ୍ତି। ତେଣୁ ଭାଜପା ଭଲ ଭୋଟ ବ୍ୟବଧାନରେ ବିଜୟୀ ହେବ ବୋଲି ପ୍ରକାଶ କହିଛନ୍ତି। କଂଗ୍ରେସ ପ୍ରାର୍ଥୀ ରବୀନ୍ଦ୍ର କର ଭିନ୍ନ ମତ ଦେଇଛନ୍ତି। ସେ କହିଛନ୍ତି, ଭୋଟ ବ୍ୟାଙ୍କ କାହା ସହିତ ଚାଲିଯାଏନା। କଂଗ୍ରେସ ସଂଗଠନକୁ ନେଇ ପ୍ରକାଶ ବଳିଆନ ଥିଲେ। ଏବେ କଂଗ୍ରେସ ସଂଗଠନ ତାଙ୍କ ସହିତ ନାହିଁ। ଯିଏ କଂଗ୍ରେସରୁ ପ୍ରାର୍ଥୀ ହୋଇଛି ସଂଗଠନ ଓ ଭୋଟ ତାହା ସହିତ ରହିବ ଏଥିରେ ଦ୍ୱିମତ ହେବାର ନାହିଁ। ରାଜ୍ୟରେ ବିଜେଡି ଓ କେନ୍ଦ୍ରରେ ଭାଜପା ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡ଼ି ରହିଛନ୍ତି। ଏହିସବୁ ପ୍ରସଙ୍ଗକୁ ନେଇ ଆମେ ଲୋକଙ୍କ ପାଖକୁ ଯାଉଛୁ ବୋଲି ରବୀନ୍ଦ୍ର କହିଛନ୍ତି। ସମୀକ୍ଷକଙ୍କ ମତରେ ନେତା ଚାଲିଗଲେ ଶତ ପ୍ରତିଶତ ଭୋଟ ବ୍ୟାଙ୍କ ଚାଲିଯାଏନି। କଂଗ୍ରେସର ପାରମ୍ପରିକ ଭୋଟ କଂଗ୍ରେସ ପ୍ରାର୍ଥୀଙ୍କ ସହିତ ରହିବ ବୋଲି ସେମାନେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରଶାନ୍ତ କହିଛନ୍ତି, ଲୋକେ ବିଜେଡିକୁ ଭୋଟ ଦେବାକୁ ମନସ୍ଥ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ଓ ଜନହିତକର ଯୋଜନା ଲୋକଙ୍କ ପାଖରେ ପହଞ୍ଚିଛି। ସାଲେପୁରକୁ ଏକ ବିକଶିତ ନିର୍ବାଚନମଣ୍ଡଳୀରେ ପରିଣତ କରିବାର ପ୍ରତିବଦ୍ଧତା ନେଇ ମୁଁ ଲୋକଙ୍କୁ ଭେଟୁଛି। ଲୋକଙ୍କର ସମର୍ଥନ ବିଜେଡି ପ୍ରତି ଥିବା ମୁଁ ପ୍ରଚାରରୁ ଜାଣିପାରୁଛି। ସାଲେପୁରରେ ବିଜେଡି ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହେବ ବୋଲି ପ୍ରଶାନ୍ତ ଆଶାବାଦୀ ଅଛନ୍ତି।

ପ୍ରାର୍ଥୀମାନେ ଏଭଳି କଥା କହୁଥିବାବେଳେ ସାଲେପୁର ଭୋଟରଙ୍କ ମତ ବେଶ୍ ଭିନ୍ନ ରହିଛି। ଜଣେ ଭୋଟର ଆଲୋକ ଭୂୟାଁ କହିଛନ୍ତି, ସାଲେପୁରକୁ ବିଜ୍ଞାପିତ ପରିଷଦ (ଏନ୍‌ଏସି) ଦାବି ଏଠାରେ ଦୀର୍ଘଦିନରୁ ହୋଇ ଆସୁଛି। ନିର୍ବାଚନ ଆସିଲେ ନେତାମାନେ ଏନେଇ ବାରମ୍ବାର ପ୍ରତିଶ୍ରୁତି ଦେଇ ପରେ ଭୁଲି ଯାଉଛନ୍ତି। ପ୍ରଭାତ ବେହେରା ନାମକ ଜଣେ ଚାଷୀଙ୍କ ମତରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ପ୍ରତି ବିମୁଖ। ସାଲେପୁରର ଚାଷଜମିକୁ ପାଣି ଯାଉନି। ଚାଷୀ ଫସଲର ଉଚିତ ପ୍ରାପ୍ୟ ପାଉନି। ତେଣୁ ଭୋଟ ଦେବା ପୂର୍ବରୁ ଚାଷୀ ଏକଥାକୁ ଚିନ୍ତା କରିବେ ବୋଲି ପ୍ରଭାତ କହିଛନ୍ତି। ଉତ୍ତମ ବେହେରାଙ୍କ ମତରେ କେନ୍ଦ୍ର ହେଉ ଅବା ରାଜ୍ୟ, ପ୍ରତି ୫ ବର୍ଷରେ ଥରେ ନେତା ଓ ସରକାର ବଦଳିବା ଦରକାର। ଏହାଦ୍ୱାରା ବିକାଶର ଧାରା ତ୍ୱରାନ୍ୱିତ ହୋଇପାରିବ ବୋଲି ସେ କହିଛନ୍ତି।

## ■ ୪ର୍ଥ ସେମିଷ୍ଟର ପରୀକ୍ଷା ଘୁଞ୍ଚାଇବା ଦାବି
# କଲେଜ ଛକରେ ଛାତ୍ରୀଛାତ୍ରଙ୍କ ରାସ୍ତାରୋକୋ



ଛାତ୍ରୀଛାତ୍ର କଲେଜ ଛକରେ ରାସ୍ତାରୋକୋ କରି ପ୍ରତିବାଦ ଜଣାଉଛନ୍ତି।

**ତିଗିରିଆ,୨୪।୪(ଡି.ଏନ.ଏ.)**

୪ର୍ଥ ସେମିଷ୍ଟର ପରୀକ୍ଷା ଘୁଞ୍ଚାଇବା ଦାବିରେ ବୁଧବାର ତିଗିରିଆ ବ୍ଲକ ନୂଆପାଟଣାସ୍ଥିତ ଚୈତନ୍ୟସାହୁ ବିଜ୍ଞାନ ଓ କଳା ସ୍ନାତକ ମହାବିଦ୍ୟାଳୟର ୨ୟ ବର୍ଷ ଛାତ୍ରୀଛାତ୍ର ରାସ୍ତାରୋକୋ କରି ପ୍ରତିବାଦ ଜଣାଇଛନ୍ତି। ଛାତ୍ରୀଛାତ୍ର ଖୁଣ୍ଟୁଣୀ-ନରସିଂହପୁର ରାଜ୍ୟ ରାଜପଥର କଲେଜ ଛକଠାରେ ଟାୟାର ଜାଳି ରାସ୍ତାରୋକୋ କରିବା ସହ ଧାରଣା ଦେଇଥିଲେ। ଏଥିଯୋଗୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ ତିଗିରିଆ ଥାନା ଅଧିକାରୀ ରବୀନ୍ଦ୍ର କୁମାର ଭୂଜବଳ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାସୁଝା କରିବା ସହ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ସହ ଆଲୋଚନା କରାଯାଇ ପରୀକ୍ଷା ଘୁଞ୍ଚାଇବାକୁ ବ୍ୟବସ୍ଥା କରାଯାଉଥିବା କହିଥିଲେ। ଏହାପରେ ଛାତ୍ରୀଛାତ୍ର ରାସ୍ତାରୋକୋରୁ ହଟି ଯାଇଥିଲେ। ଏ ନେଇ ଛାତ୍ରଛାତ୍ରୀଙ୍କ ଦସ୍ତଖତ ସମ୍ବଳିତ ଏକ ସ୍ମାରକପତ୍ର ମହାବିଦ୍ୟାଳୟ ଅଧ୍ୟକ୍ଷ ଜଗବନ୍ଧୁ ଦାସଙ୍କ ଜରିଆରେ ପରୀକ୍ଷା ନିୟନ୍ତ୍ରକଙ୍କ ନିକଟକୁ ପ୍ରେରଣ କରାଯାଇଛି।

ସୂଚନାଯୋଗ୍ୟ, ଲଗାତର ପରୀକ୍ଷା, ମାର୍ଚ୍ଚରେ ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷା ସହ ଅଧ୍ୟପିକାଅଧ୍ୟାପକଙ୍କ ତାଲିମ ଓ ଏହାପରେ ସାଧାରଣ ନିର୍ବାଚନ କାର୍ଯ୍ୟ ସହିତ ଯୁକ୍ତ ଦୁଇ ପରୀକ୍ଷା ଖାତା ମୂଲ୍ୟାୟନ ଆଦିରେ ଆଧ୍ୟାପିକାଅଧ୍ୟାପଙ୍କ ସମୟ କଟୁଥିବାରୁ ୪ର୍ଥ ସେମିଷ୍ଟର ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଛି। ଫଳରେ କୋର୍ସ ଅସମ୍ପୂର୍ଣ୍ଣ ରହିଛି। ଏଭଳି ସ୍ଥିତିରେ ଆଗାମୀ ମାସରେ ହେବାକୁ ଥିବା ପରୀକ୍ଷା ଦେବାପାଇଁ ଛାତ୍ରଛାତ୍ରୀ ପୂର୍ଣ୍ଣ ଅସମର୍ଥ ଥିବା ପ୍ରକାଶ କରିଛନ୍ତି। ତେଣୁ ଉକ୍ତ ପରୀକ୍ଷାକୁ କିଛିଦିନ ପାଇଁ ଘୁଞ୍ଚାଇ ଦେବାକୁ ନିବେଦନ କରିଛନ୍ତି। ଛାତ୍ରଛାତ୍ରୀ ସକାଳ ପ୍ରାୟ ସାଢ଼େ ୯ଟାରୁ ୧୧ଟା ପର୍ଯ୍ୟନ୍ତ ରାସ୍ତା ଉପରେ ଟାୟାର ଜାଳି ବସି ରହିଥିଲେ। କେବଳ ଆମ୍ବୁଲାନ୍ସକୁ ଛାଡ଼ି ଅନ୍ୟ କୌଣସି ଯାନବାହନ ଚଳାଚଳ କରିବାକୁ ଦେଇ ନ ଥିଲେ।

## ବିଶୃଙ୍ଖଳିତ କେନ୍ଦ୍ରରେ ପୁନଃ ମତଦାନ ଦାବି

**ଆଠଗଡ଼,୨୪।୪(ସ୍ୱ.ପ୍ର.)**

ଆଠଗଡ଼ ନିର୍ବାଚନମଣ୍ଡଳୀରେ ଅନୁଷ୍ଠିତ ନିର୍ବାଚନ ସମୟରେ ବିଭିନ୍ନ ବୁଥରେ ବିଜେଡି ସମର୍ଥକ ଅବାଧ ନିର୍ବାଚନ ପାଇଁ ବାଧା ସୃଷ୍ଟି କରିଥିବା କଂଗ୍ରେସ ଓ ଭାଜପା ପକ୍ଷରୁ ପୃଥକ ଭାବେ ଅଭିଯୋଗ ହୋଇଛି। ଉଭୟ ଦଳ ପକ୍ଷରୁ ଯେଉଁ ସବୁ ବୁଥ୍‌ରେ ବିଶୃଙ୍ଖଳା ଘଟିଥିଲା ସେହି ବୁଥରେ ସାନି ମତଦାନ ପାଇଁ ରାଜ୍ୟ ଓ କେନ୍ଦ୍ର ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି ହୋଇଛି। ବୁଧବାର ସନ୍ଧ୍ୟାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଉମାବଲ୍ଲଭ ରଥ ଦଳୀୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀ କରି ବିଜେଡି ସମର୍ଥକ ଓ ସ୍ଥାନୀୟ ପ୍ରଶାସନ ବିରୋଧରେ ବିଶୃଙ୍ଖଳିତ ଆଚରଣ ସମ୍ପର୍କରେ ଅଭିଯୋଗ କରିଥିଲେ। ଆଠଗଡ଼ ବ୍ଲକ କଟିକିଆ ସାହି ୧୬୪ ନଂ ବୁଥ୍‌ରେ ନକଲି ପ୍ରିଜାଇଡିଂ ଅଫିସର ଭୋଟରଙ୍କୁ ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଦେବା ପାଇଁ ପ୍ରବର୍ତ୍ତାଉଥିଲେ। ଏହାକୁ ରଥ ଦେଖି ଅଭିଯୋଗ କରିବାରୁ ସ୍ଥାନୀୟ କେତେଜଣ ଲୋକ ତାଙ୍କୁ ପ୍ରତିରୋଧ କରିଥିଲେ। ରଥ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ନଂ-୯୨/୧୯ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି ଅନ୍ୟ ୪ଟି ବୁଥ୍‌ରେ ମଧ୍ୟ ମତଦାନରେ ତ୍ରୁଟି ରହିଥିବା ସେ ଅଭିଯୋଗ କରିଛନ୍ତି। ରଥଙ୍କ ନିର୍ବାଚନ ଏଜେଣ୍ଟ ଅଙ୍କିତା ରଥ ଉକ୍ତ ବୁଥ ମାନଙ୍କରେ ପୁନଃ ମତଦାନ ପାଇଁ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ସେହିପରି ଭାଜପା ବିଧାୟକ ପ୍ରାର୍ଥୀ ବ୍ରଜେନ୍ଦ୍ର ରାୟ ନିର୍ବାଚନମଣ୍ଡଳୀର ୩୩ଟି ବୁଥ୍‌ରେ ମତଦାନରେ ତ୍ରୁଟି ହୋଇଥିବା ଅଭିଯୋଗ କରିଛନ୍ତି। ତେଣୁ ଏ ସବୁ ବୁଥରେ ପୁନଃ ମତଦାନ କରିବାକୁ ସେ ଓ ତାଙ୍କ ଦଳ ଦାବି କରିଛି। ଅନ୍ୟପକ୍ଷରେ ଉପଖଣ୍ଡ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଅମୀୟ କୁମାର ସାହୁ ଏ ସବୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଘଟଣା ସମ୍ପର୍କରେ ବିଜେଡିର ପ୍ରତିକ୍ରିୟା ମିଳି ପାରିନାହିଁ।

## ଅସଦାଚରଣ ମାମଲା ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

**ସାଲେପୁର,୨୪।୪(ଡି.ଏନ.ଏ.)**

ସାଲେପୁର କୋର୍ଟର ଅତିରିକ୍ତ ଜିଲା ଦୌରାଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ବୁଧବାର ଏକ ଅସଦାଚାରଣ ମାମଲାର ବିଚାର କରି ଜଣେ ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଆଦାୟ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୩ ମାସ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି ବୋଲି ସରକାରୀ ଆଇନଜୀବୀ ଯତୀନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ଜଗତ୍‌ପୁର ଥାନା ଅଧୀନ ସାଲେପୁର ବ୍ଲକ ଗୁଜରପୁର ଗ୍ରାମର ଆସିକ ବକ୍ସ(୨୪) ଗତ ୨/୭/୨୦୧୭ରେ ତାଙ୍କ ବଡ଼ଭାଉଜଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ତାଙ୍କ ଭାଉଜ ଜଗତ୍‌ପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ତତ୍କାଳୀନ ଥାନା ତଦନ୍ତ ଅଧିକାରୀ ପ୍ରମୋଦ କୁମାର ଦାସ ମାମଲା ନଂ.-୧୩୮/୧୭ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ୍‌କୁ ପଠାଇ ଦିଆଯାଇଥିଲା। ଏବେ ସେ ଜେଲ୍‌ରେ ଅଛନ୍ତି। ପରେ ତଦନ୍ତ ଅଧିକାରୀ ଏହାର ତଦନ୍ତ କରି ଅଭିଯୁଙ୍କ ବିରୋଧରେ ୬ ଫର୍ଦ୍ଦ ଅଭିଯୋଗ କୋର୍ଟରେ ଦାଖଲ କରିଥିଲେ। କୋର୍ଟ ମାମଲାର ବିଚାର କରି ଏହି ରାୟ ଶୁଣାଇଛନ୍ତି।

## ସ୍ୱାଧୀନ ପ୍ରାର୍ଥୀଙ୍କ ନିଆରା ପ୍ରତିଶ୍ରୁତି



ସମର୍ଥକଙ୍କ ସହ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଜ୍ୟୋତିପ୍ରସାଦ ଶୋଭାଯାତ୍ରା କରୁଛନ୍ତି।

**ସାଲେପୁର,୨୪।୪(ଡି.ଏନ.ଏ.)**

ସାଲେପୁର ନିର୍ବାଚନମଣ୍ଡଳୀର ୧୨ ବିଧାୟକ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଥିଲାବେଳେ ସ୍ୱାଧୀନ ପ୍ରାର୍ଥୀ ଜ୍ୟୋତିପ୍ରସାଦ ପତିଙ୍କ ବାଇକ୍ ରାଲି ଓ ଶୋଭାଯାତ୍ରା ଜନସାଧାରଣଙ୍କୁ ଆକୃଷ୍ଟ କରିଛି। ସେ ଏକ ଅଭିନବ ପ୍ରତିଶ୍ରୁତି ଦେଇ ଚାଷୀଙ୍କ ମନକିଣିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ତାଙ୍କ ଚିହ୍ନ ଟ୍ରାକ୍ଟର ହୋଇଥିବାବେଳେ ସେ ନିର୍ବାଚିତ ହେଲେ ନିର୍ବାଚନମଣ୍ଡଳୀର ସମସ୍ତ ଚାଷୀଙ୍କ ଜମିକୁ ମାଗଣାରେ ଏକବର୍ଷ ଟ୍ରାକ୍ଟର ଯୋଗେ ଚାଷ କରାଇବେ ବୋଲି ନିର୍ବାଚନୀ ଇସ୍ତାହାରରେ କହିଛନ୍ତି। ଏ ନେଇ ଚାଷୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିବାବେଳେ ନିର୍ବାଚନ ମଇଦାନରେ ତାଙ୍କ ପ୍ରତିଶ୍ରୁତି କିଭଳି ଚାଷୀଙ୍କୁ ପ୍ରଭାବିତ କରିବ ତାହା ଦେଖିବାକୁ ଅପେକ୍ଷା।

## ବିଜେଡିର କର୍ମୀ ସମ୍ମିଳନୀ

**ନିଶ୍ଚିନ୍ତକୋଇଲି,୨୪।୪(ସ୍ୱ.ପ୍ର.)**

ମାହାଙ୍ଗା ନିର୍ବାଚନମଣ୍ଡଳୀରେ ଆସନ୍ତା ୨୯ରେ ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ଦୃଷ୍ଟିରେ ରଖି ନିର୍ବାଚନମଣ୍ଡଳୀ ଅଧୀନ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଦିନକରେ ରାମକୃଷ୍ଣପୁର, ନିଶ୍ଚିନ୍ତକୋଇଲି, ବୁହାଳ, ଓରତି, ଶୁକରପଡା ଓ ନତକାଇ ପଞ୍ଚାୟତରେ ସମ୍ମିଳନୀ ହୋଇଥିବାବେଳେ ଜିଗ୍ନିପୁରରେ ମହିଳା ସମାବେଶ ହୋଇଛି। ମାହାଙ୍ଗା ବିଧାୟକ ପ୍ରାର୍ଥୀ ପ୍ରତାପ ଜେନା ବିଭିନ୍ନ ସମାବେଶରେ ଯୋଗଦେଇ ନିଜ ଅଭିଭାଷଣରେ କେନ୍ଦ୍ର ଅବହେଳାକୁ ନେଇ ଭାଜପା ଉପରେ ବର୍ଷିଥିବା ବେଳେ କଂଗ୍ରେସକୁ ଦୁର୍ନୀତି ଓ ଭ୍ରଷ୍ଟାଚାରୀ କହି ସମାଲୋଚନା କରିଛନ୍ତି। ରାମକୃଷ୍ଣପୁରରେ ଅଶୋକ ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସବିତା ଓଝା, ସରପଞ୍ଚ ମନୋରଞ୍ଜନ ସ୍ୱାଇଁ ଓ ଗଙ୍ଗାଧର ବସ୍ତିଆଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ। ନିଶ୍ଚିନ୍ତକୋଇଲିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦେବେନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ସରପଞ୍ଚ ରବୀନ୍ଦ୍ର ସେଠୀ, କବିତା ସେନାପତି, ଲକ୍ଷ୍ମୀପ୍ରିୟା ପଣ୍ଡା ଓ ବିଜୟ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ବୁହାଳରେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ସବିତା ମହାନ୍ତି, ଅକ୍ଷୟ ସାହୁ, ଜ୍ଞାନରଞ୍ଜନ ଦାସ, ସାଧୁ ସେଠୀ, ଆଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଓରତିରେ ଯୁବ ବିଜେଡି ସଭାପତି ମିହିର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଭୂପତି ଭୂଷଣ ଷଣ୍ଢ, ଗୀତାଞ୍ଜଳି ପଣ୍ଡା, ତ୍ରୈଲୋକ୍ୟ ବିଶ୍ୱାଳ ଓ ବିବେକାନନ୍ଦ ତ୍ରିପାଠୀ ଯୋଗ ଦେଇଥିଲେ। ପଞ୍ଚାୟତର ୧୭ରୁ ଉର୍ଦ୍ଧ୍ୱ ଭାଜପା କର୍ମୀ ସମର୍ଥକଙ୍କ ସହ ଦଳ ଛାଡ଼ି ବିଜେଡିରେ ମିଶିଥିଲେ। ଶୁକରପଡାରେ ଜ୍ୟୋତି ପ୍ରକାଶ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାସନ୍ତୀ ସ୍ୱାଇଁ, ସେକ କଲାମ, ମୃତ୍ୟୁଞ୍ଜୟ ସ୍ୱାଇଁ ଓ କୈଳାସ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ।




ତରତ ପଞ୍ଚାୟତରେ ଅନୁଷ୍ଠିତ ମହିଳା ସମାବେଶରେ ବିଧାୟକ ପ୍ରାର୍ଥୀ ପ୍ରତାପ ଜେନା ଓ ଅନ୍ୟମାନେ।

## କର୍ମୀ ସମ୍ମିଳନୀରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ସଂକଳ୍ପ

**ରଘୁନାଥପୁର, ୨୪।୪ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ବିଜେଡି କର୍ମୀଙ୍କ ପକ୍ଷରୁ ଗୋକୁଳପୁର ସତୀବଣ ପଡିଆରେ ବୁଧବାର ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସରୋଜ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମାବେଶରେ କର୍ମୀମାନେ ଏକତ୍ରିତ ହୋଇ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ବିଷ୍ଣୁ ଦାସ ଓ ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥୀ ଡ. ରାଜଶ୍ରୀ ମଲ୍ଲିକଙ୍କୁ ଭୋଟ ଦେଇ ପୁନର୍ବାର ନବୀନବାବୁଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ଦେଖିବାକୁ ସଂକଳ୍ପ ନିଆଯାଇଥିଲା। ଏଥିରେ ବିଜୁ କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ଅନ୍ତର୍ଯ୍ୟାମୀ ରାଉତ ନିଜ ବକ୍ତବ୍ୟରେ ନବୀନ ଆମର ନେତା ଓ ଶଙ୍ଖ ଆମର ଚିହ୍ନ ବୋଲି କହିବା ସହ ଆଗାମୀ ନିର୍ବାଚନକୁ ୫ ଦିନ ବାକିଥିବା ବେଳେ ପ୍ରତ୍ୟେକ କର୍ମୀ ନିଜର କାର୍ଯ୍ୟକୁ ଶାଣିତ କରିବାକୁ ପ୍ରକାଶ କରିଥିଲେ। ବିନୋଦ ବିହାରୀ ମହାନ୍ତି, ଉମା ପରିଡା, ପ୍ରହ୍ଲାଦ ସାହୁ, ଗୋପାଳ ତିୱାରୀ, ପ୍ରଶାନ୍ତ ବିଶ୍ୱାଳ, ସୁରେଶ ବାରିକ, ପ୍ରଦୀପ ସେଠୀ, ସୁକାନ୍ତ ସ୍ୱାଇଁ, ନାଏବ ସରପଞ୍ଚଙ୍କ ସମେତ ୱାର୍ଡ ସଭ୍ୟାସଭ୍ୟ ଓ ବରିଷ୍ଠ କର୍ମୀମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ବୁଥ୍ କମିଟି ଗଠନ କରାଯାଇ ଘରକୁ ଘର ବୁଲି ଭୋଟରଙ୍କୁ ସଚେତନ କରାଇବାକୁ ସରପଞ୍ଚ ଦାସ ଆହ୍ୱାନ କରିଥିଲେ।

## ମହିଳାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା

**ବଡ଼ମ୍ବା,୨୪।୪(ଡି.ଏନ.ଏ.)**

- ଯୌତୁକ ଜନିତ ହତ୍ୟା ଅଭିଯୋଗ ଆଣିଲେ ବାପା
- ସ୍ୱାମୀ ଗିରଫ
- ପୋଲିସ ତଦନ୍ତ ଜାରି
- ଟଙ୍କା ନ ଆଣିଲେ ଛେଳି ଚରାଇବାକୁ ଧମକ ଦେଇଥିଲେ ସ୍ୱାମୀ

ଯୌତୁକ ଟଙ୍କା ନ ଆଣିବାରୁ ଜଣେ ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ନିର୍ଯାତନା ଦେବାସହ ଶ୍ୱାସରୁଦ୍ଧ କରି ହତ୍ୟା କରିଛନ୍ତି। ଏ ନେଇ ମହିଳାଙ୍କ ବାପା ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ହତ୍ୟା ମାମଲା ନଂ-୭୮/୧୯ରୁଜୁ କରି ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି। ଏପରି ଘଟଣା କଟକ ଜିଲା ବଡ଼ମ୍ବା ଥାନା ବନମାଳୀପୁର ପଞ୍ଚାୟତ ଅଧୀନ ଗଗନା ଗ୍ରାମରେ ଘଟିଛି। ଅଭିଯୋଗ ଅନୁସାରେ, ବଡ଼ମ୍ବା ଥାନା ନୂଆକେଶାବେରେଣୀ ଗ୍ରାମର ପ୍ରାଣବନ୍ଧୁ ବେହେରାଙ୍କ ଝିଅ ସତ୍ୟଭାମା ବେହେରା(୨୯)ଗଗନା ଗ୍ରାମର ପ୍ରାଣବନ୍ଧୁ ବେହେରାଙ୍କ ପୁଅ ସଞ୍ଜୟଙ୍କୁ ୧୧ ବର୍ଷ ତଳେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ବାବଦକୁ ୫୦ ହଜାର ଟଙ୍କା ସମେତ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହାପରେ ସତ୍ୟଭାମାଙ୍କ ଶାଶୁଘର ଲୋକେ ଅଧିକ ଟଙ୍କା ଆଣିବାକୁ ଦାବି କରି ସତ୍ୟଭାମାଙ୍କୁ ଦୀର୍ଘଦିନ ହେବ ନିର୍ଯାତନା ଦେଇ ଆସୁଥିଲେ। ଘଟଣା ସମ୍ପର୍କରେ ସତ୍ୟଭାମା ତାଙ୍କ ବାପାଙ୍କୁ ବାରମ୍ବାର ଜଣାଇଥିଲେ। ହେଲେ ଆଉ ଅଧିକ ଟଙ୍କା ଦେଇପାରିବୁ ନାହିଁ ବୋଲି ସତ୍ୟଭାମାଙ୍କ ବାପା କହିବା ସହ ଭଦ୍ରବ୍ୟକ୍ତିଙ୍କ ଜରିଆରେ ଝିଅ ଶାଶୁ ଘରକୁ ଯାଇ ଏହାର ସମାଧାନ କରିଥିଲେ। କିଛିଦିନ ଠିକ୍‌ଠାକ୍ ଚାଲିବା ପରେ ଗତ ୨୧ ତାରିଖରେ ସତ୍ୟଭାମା ପୁଣି ତାଙ୍କ ବାପାଙ୍କ ପାଖକୁ ଆସି ମୋତେ ୨୦ ହଜାର ଟଙ୍କା ଦିଅ, ନ ଚେତ୍ ଶାଶୁ ଘର ପରିବାର ଲୋକେ ମୋତେ ମାରିଦେବେ ବୋଲି ଧମକ ଦେଇଥିବା କଥା କାନ୍ଦି କାନ୍ଦି କହିଥିଲେ। ଏପରି କି ଟଙ୍କା ନ ଆଣିଲେ ଛେଳି ଚରାଇବା ପାଇଁ ସ୍ୱାମୀ ବାଧ କରିଥିବା କହିଥିଲେ। ଘଟଣା ଶୁଣିବା ପରେ ସତ୍ୟଭାମାଙ୍କ ବାପା ତାଙ୍କ ଶାଶୁ ଘରକୁ ଯାଇ ସ୍ୱାମୀ, ଶ୍ୱଶୁର ଓ ଶାଶୁଙ୍କୁ ବୁଝାସୁଝା କରିବା ସହିତ ଝିଅକୁ ମାରଧର କରିବ ନାହିଁ, ମୁଁ ସୁବିଧା ଦେଖି ଟଙ୍କା ଦେବି ବୋଲି କହି ଝିଅକୁ ଛାଡ଼ି ଆସିଥିଲେ। ମାତ୍ର ମଙ୍ଗଳବାର ଅପରାହ୍ନରେ ସତ୍ୟଭାମାଙ୍କ ମୃତ୍ୟୁ ହୋଇ ଯାଇଥିବା ତାଙ୍କ ବାପା ଖବର ପାଇଥିଲେ। ଏହାପରେ ସତ୍ୟଭାମାଙ୍କ ଶାଶୁଘରକୁ ଆସି ଘଟଣା ସମ୍ପର୍କରେ ଜାଣିବା ସହ ଝିଅକୁ ତାଙ୍କ ସ୍ୱାମୀ, ଶାଶୁ ଓ ଶ୍ୱଶୁରଙ୍କ ସମେତ ଅନ୍ୟମାନେ ମିଶି ଶ୍ୱାସରୁଦ୍ଧ କରି ମାରି ଦେଇଥିବା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସତ୍ୟଭାମାଙ୍କ ଶାଶୁଘର ଲୋକଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

